## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଙ୍କିତ



@ ଅର୍ଚ୍ଚନା



@ ରାଜେଶ



@ ଶିବବ୍ରତ




@ ଶୁଭଲକ୍ଷ୍ମୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜେସିବିରେ ଲାଗି ଗ୍ୟାସ ପାଇପ୍ ଲାଇନ ଇନଫର୍‌ମେଶନ ଓ୍ୱାର ଛିଡ଼ିଗଲା

- ଯୁଦ୍ଧକାଳୀନ ଭିତିରେ କ୍ଷତିଗ୍ରସ୍ତ ପାଇପର ମରାମତି
- ପାରାଦୀପ-ହଳଦିଆ-ଦୁର୍ଗାପୁର-ମୋତିହାରି ଏଲପିଜି ପାଇପ ଲାଇନ୍
- ସ୍ଥାନୀୟ ଅଞ୍ଚଳରେ ସିଏସ୍ଆର୍ ପାଣ୍ଠି ବିନିଯୋଗ ହେଉନି

**ମହାକାଳପଡ଼ା,୧୬।୨(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ପେଟ୍ ଛେଲା ପଞ୍ଚାୟତ କୋଚିଲା-ବଜରପୁରୁ ଗ୍ରାମ ସଂଲଗ୍ନ ମହାନଦୀ ଶାଖା ଗୁପ୍ତଗିରି ନଦୀପାର୍ଶ୍ୱ ବାର୍‌ହାଖିଆ ଯୋରୀ ଦେଇ ପାରାଦ୍ୱୀପ-ହଳଦିଆ-ଦୁର୍ଗାପୁର ଓ ବିହାର ରାଜ୍ୟର ମୋତିହାର ପର୍ଯ୍ୟନ୍ତ ଦୀର୍ଘ ୬ ଶହ କିମିରୁ ଅଧିକ ଏଲ୍‌ପିଜି ଗ୍ୟାସ୍ ପାଇପ୍ ଲାଇନ୍ ଯାଉଛି। ଜଳ ସେଚନ ବିଭାଗ ଜଳ ନିକାସ ପଥ ବିଭାଗ ପକ୍ଷରୁ ଯୋରୀ ପୁନରୁଦ୍ଧାର ପାଇଁ କାର୍ଯ୍ୟ ଚାଲିଥିଲା ସମୟରେ ଏହି ଗ୍ୟାସ୍ ପାଇପ୍ ଲାଇନରେ ଜେସିବି ଖୋଳିବା ସମୟରେ ପାଇପ୍‌ରେ ବାଜିବାରୁ ଏହା କ୍ଷତିଗ୍ରସ୍ତ ହେବା ସହ ଇନଫର୍ ମେଶନ ଓ୍ୱାର ଛିଡି ଯାଇଥିଲା। ଫଳରେ ପାରାଦୀପଠାରେ ଥିବା ଭାରତୀୟ ତୈଳ ନିଗମର ନିୟନ୍ତ୍ରଣ କକ୍ଷକୁ ସୂଚନା ମିଳିଥିଲା। ପରେ ନିଗମ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। କ୍ଷତିଗ୍ରସ୍ତ ପାଇପକୁ ଓଲଡିଂ କରାଯାଇଛି।

ତେବେ ଏଠାରେ ପ୍ରଶ୍ନ ଉଠେ ସମତଳ ଅଞ୍ଚଳ ଓ ନଦୀରେ ତଳସ୍ତରରେ ଯେତିକି ମାଟି ତଳେ ପାଇପ୍ ବିଛା ହେବା କଥା ତାହା ହୋଇନାହିଁ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଯଦି ଏହି ପାଇପ୍ ଲାଇନରେ କିଛି ବୈଷୟିକ ତ୍ରୁଟି ହୋଇ ଗ୍ୟାସ୍ ଲିକେଜ୍ ହୁଏ ଏଥିପାଇଁ କିଏ ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୁଚନା ଯୋଗ୍ୟ ଏହି ଅଞ୍ଚଳରେ ପାଇପ୍ ଲାଇନ୍ ଯାଇଥିବା ଅଞ୍ଚଳରେ ତୈଳ ନିଗମ ପକ୍ଷରୁ ସିଏସ୍ଆର୍ ପାଣ୍ଠି ବା କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ମାଧ୍ୟମରେ ଜନ କଲ୍ୟାଣ ଯୋଜନା ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସର୍ବୋପରି ପରିବେଶ ସୁରକ୍ଷା ଦିଗରେ ଯେଉଁସବୁ ଉନ୍ନୟନ କାର୍ଯ୍ୟ ହେବା କଥା ତାହା ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି। ଅପରପକ୍ଷରେ ଯଦି କିଛି ଦୁର୍ଘଟଣା ଘଟେ ତେବେ ଅଞ୍ଚଳବାସୀ କିପରି ଏହାକୁ ମୁକାବିଲା କରିବେ ବୋଲି ସଚେତନ କରାଯାଉନାହିଁ ବୋଲି ସରପଞ୍ଚ ପ୍ରସନ୍ନ କୁମାର ବେହେରା, ସମିତିସଭ୍ୟ ସତ୍ୟବ୍ରତ ବେହେରା, ନିରାକାର ସ୍ୱାଇଁ, ବୀରବର ସ୍ୱାଇଁ, ଅଶୋକ କୁମାର ରାଉତ, ରାଧୁ ସାହୁ, ଗୟାଧର ସ୍ୱାଇଁ, ଶତ୍ରୁଘ୍ନ ସ୍ୱାଇଁ, ସୁନିଲ ସ୍ୱାଇଁ, ଭିକାରୀ ସ୍ୱାଇଁ ଓ ଯଶବନ୍ତ ବେହେରା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଏହି ଦାୟିତ୍ୱରେ ଥିବା ତୈଳ ନିଗମ କର୍ମଚାରୀ ଚିନ୍ମୟ କୁମାରଙ୍କୁ ପଚାରିବାରେ ଏହି ସମସ୍ୟା ସମାଧାନ ପାଇଁ ନିଗମ ଯତ୍ନବାନ୍ ଅଛି ବୋଲି ସେ କହିଛନ୍ତି।



ମହାକାଳପଡ଼ା ବ୍ଲକ ମହାନଦୀ – ଗୁପ୍ତଗିରୀ ଶାଖା ସଂଲଗ୍ନ ବାର୍‌ହାଖିଆ ଯୋରିରେ ତୈଳ ନିଗମ ଗ୍ୟାସ୍ ପାଇପ୍ ଲାଇନ୍ ମରାମତି ଚାଲିଛି।

# ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ୍‌କୁ ନେଇ ସଚେତନତା




ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି।

**ଯାଜପୁର ଟାଉନ ୧୬।୨(ଡି.ଏନ.ଏ.)**

ଯୌନ ନିର୍ଯାତନା ଅପରାଧଠାରୁ ଶିଶୁମାନଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ ସେ ନେଇ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶକ୍ରମେ ଏକ ସେଚତନତା ସଭା ଯାଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦିକା ଜ୍ୟୋର୍ତିମୟୀ ଦାସ ପରିଚାଳନା କରିଥିବାବେଳେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲାର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ଜାନକୀ ବିଶ୍ୱାଳ ଯୋଗଦେଇ ଶିଶୁକନ୍ୟାମାନଙ୍କୁ ଯୌନନିର୍ଯାତନାରୁ ସୁରକ୍ଷା ପାଇଁ ପ୍ରଥମେ ମା'ବାପା, ଗୁରୁଜୀମାନେ ସଚେତନ ରହି ପ୍ରମୁଖ ଦାୟିତ୍ୱ ନିର୍ବାହ କରିବା ସହିତ ଝିଅ ପୁଅ, ଛାତ୍ରୀଛାତ୍ରମାନଙ୍କୁ ସଚେତେନ କରାନ୍ତୁ ବୋଲି କହିଥିଲେ । ଏଥିସହିତ ଯାଜପୁର ଜିଲାରେ ବଢୁଥିବାରୁ ଶିଶୁ ନିର୍ଯାତନାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଏମ୍ଏଫ୍‌ସି ମଧୁସ୍ମିତା ନାୟକ, ଶିଶୁମଙ୍ଗଳ କମିଟି ଅଧ୍ୟକ୍ଷା ରୀତା ବେହେରା, ଡ. ରୁଦ୍ର ନାରାୟଣ ପୃଷ୍ଟି ଏବଂ ଏସ୍‌ଡିପିଓ ସରୋଜ କୁମାର ପ୍ରମୁଖ ଯୋଗଦେଇ ଆଇନ୍‌ର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଏହି କ୍ଷେତ୍ରରେ ପୋଲିସର ଗୁରୁଦାୟିତ୍ୱ ବିଷୟରେ ସେ ଆଲୋକପାତ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ଆଇନସେବା ପ୍ରାଧିକରଣ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜବତ ଟଙ୍କା ଫେରାଇଲା ପୋଲିସ

**ବ୍ରହ୍ମବରଦା,୧୬।୨(ଡି.ଏନ.ଏ.):**

ଲୁଟ୍ ହୋଇଥିବା ଟଙ୍କା ଜବତ ପରେ ବ୍ରହ୍ମବରଦା ଥାନା ପୋଲିସ ଅଭିଯୋଗକାରୀଙ୍କୁ ଫେରାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, ବ୍ରହ୍ମବରଦା ଥାନା ଅଧୀନ ବ୍ରହ୍ମବରଦା ଅଞ୍ଚଳରୁ ଗତ ମଙ୍ଗଳବାର ଦ୍ୱିପ୍ରହରରେ ୪ ଜଣ ଦୁର୍ବୃତ୍ତ ଜଣେ ବାଇକ୍ ଆରୋହୀଙ୍କଠାରୁ ୪ଲକ୍ଷ ୨୦ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ । ଏହି ସମୟରେ ସ୍ଥାନୀୟ ଲୋକେ ୨ ଲୁଟେରାଙ୍କୁ କାବୁ କରି ନେଇଥିଲେ । ହେଲେ ଅନ୍ୟ ଦୁଇ ଲୁଟେରା ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଥାନାରେ ଅଟକ ଥିବା ୨ ଲୁଟେରାଙ୍କୁ ପୋଲିସ ଜେରା କରିବା ପରେ ଫେରାର ଥିବା ୨ ଲୁଟେରାଙ୍କ ଘରକୁ ଠାବ କରିଥିଲା । ସେମାନଙ୍କ ପରିବାର ସଦସ୍ୟଙ୍କଠାରୁ ଲୁଟ୍ ଟଙ୍କା ଜବତ କରାଯାଇଥିଲା । ଲୁଟେରାଦ୍ୱୟ ଫେରାର ଅଛନ୍ତି । ୪ ଲୁଟେରାଙ୍କ ଘର ବ୍ରହ୍ମପୁରସ୍ଥିତ ଆସ୍କା ଅଞ୍ଚଳରେ ବୋଲି ପୋଲିସ କହିଛି।






# ୧୦ ହଜାର ଟ୍ୟୁବ୍‌ୱେଲରୁ ଲୁଣା ପାଣି ବାହାରୁଛି

- ଅଭିଯୋଗ ଶୁଣାଣିରେ ପାନୀୟ ଜଳ ସମସ୍ୟା ଅଧିକ
- ନଳ ଭିତରେ ଜଳ ଯୋଜନା ଏବେ ବି ସ୍ୱପ୍ନ
- ଭୂତଳ ଜଳ ରିଚାର୍ଜ ଯୋଜନାର କାର୍ଯ୍ୟକାରୀ ହେଉନାହିଁ

**କେନ୍ଦ୍ରାପଡ଼ା ଅଫିସ, ୧୬।୨**

କେନ୍ଦ୍ରାପଡ଼ା ଜିଲା ପ୍ରଶାସନିକ ଅଭିଯୋଗ ଶୁଣାଣି ଶିବିର ଓ ୮ ବ୍ଲକରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅଧିକାଂଶ ସାମୂହିକ ଅଭିଯୋଗ ଭାବେ ପାନୀୟ ଜଳ ସମସ୍ୟା ନିରାକରଣ ପାଇଁ ଆବେଦନ ପତ୍ର ଆସିଛି। ଖରାଦିନ ଆରମ୍ଭରୁ ଏହି ସମସ୍ୟା ଦେଖାଦେଇଥିବା ବେଳେ ଆଗାମୀ ମାସଗୁଡିକ ଜିଲାବାସୀଙ୍କ ପାଇଁ ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ପ୍ରବାହିତ ହେଉଛି। ରାଜ୍ୟର ଦ୍ୱିତୀୟ ବୃହତ୍ତମ ନଦୀ ଜଳପଥ ଜିଲାରେ ଅଛି। ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ଟ୍ୟୁବ୍‌ୱେଲ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ୍ ଟାଙ୍କି ଜିଲାବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତଥ୍ୟରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲାବାସୀଙ୍କ ଶୋଷ ମେଣ୍ଟୁ ନାହିଁ। କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ବ୍ୟତୀତ ଜିଲାର ୭ଟି ବ୍ଲକରେ ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ୟୁବୱେଲରୁ ଲୁଣା ପାଣି ବାହାରୁଥିବା ଜଳ ସମ୍ପଦ ବିଭାଗ ୨୦୨୧ ସର୍ଭେ ରିପୋର୍ଟରୁ ଜଣାପଡିଛି। ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ସୁଫଳ ଜିଲାବାସୀ ଅନୁଭବ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ 'ନଳ ଭିତରେ ଜଳ' ଯୋଜନା ଏହି ଜିଲାରେ ଏବେ ବି ସ୍ୱପ୍ନ ହୋଇରହିବ।

ଏ ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ ଗନ୍ତାୟତ, ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି, ୭ ନଦୀ ପ୍ରବାହିତ ହେଉଥିବା କେନ୍ଦ୍ରାପଡ଼ା ଜିଲାରେ ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ସମସ୍ୟା। ସମୁଦ୍ର ତଟବର୍ତ୍ତୀ ଜିଲା ହୋଇଥିବାରୁ ଭୂତଳ ଜଳ ଲୁଣା ହୋଇଯାଇଛି। ଟାଙ୍କିଗୁଡିକ ପ୍ରାୟ ଶୁଖିଲା ରହୁଛି। ଗୋଟିଏ ଟ୍ୟୁବୱେଲ ଖୋଳିଲେ ଅନ୍ୟୂନ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ସେଥିରେ ମଧ୍ୟ ଲୁଣା ପାଣି ବାହାରୁଛି। ସେହିପରି ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ, ଶିଳ୍ପ, କ୍ଷେତ ଆଦି ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏଥିଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳ ସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଜ ହୋଇ ପାରୁ ନ ଥିବାରୁ ପାନୀୟ ଜଳ ସ୍ଥିତି ମହାକାଳପଡ଼ା ବ୍ଲକ ପରି ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲା ଜଳଶକ୍ତି ଅଭିଯାନରେ ସାମିଲ ହୋଇଛି। ଏହି ଅଭିଯାନରେ ପ୍ରତି ଟ୍ୟୁବୱେଲରେ ସୋକ୍‌ପିଟ୍ ପାଇପ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ଅଭିଯାନ ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରିଛି। ଫଳରେ ଭୂତଳ ଜଳ ରିଚାର୍ଜ ହୋଇପାରୁନାହିଁ। ଅପରପକ୍ଷରେ ୨୦୨୪ ମସିହା ସୁଦ୍ଧା ଜିଲାର ୨,୯୧,୧୬୦ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇଛି। ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କୁ ପଚାରିବାରେ ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି। କରୋନା ସଂକ୍ରମଣ କାଳରେ ଏ ନେଇ ଅଳ୍ପ ପରିମାଣରେ ଶିଥିଳତା ପ୍ରକାଶ ପାଇଥିଲା। ଖୁବ୍‌ଶୀଘ୍ର ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବ ବୋଲି ସେ କହିଛନ୍ତି।



କଳାପଡ଼ାଠାରେ ଲୁଣାନଦୀର ଜଳସ୍ତର ସୁଖି ଗଲାଣି।



ନିର୍ମିତ ଓଭରହେଡ ପାଣି ଟାଙ୍କି।




ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଙ୍କିତ


@ ଅର୍ଚ୍ଚନା


@ ରାଜେଶ


@ ଶିବବ୍ରତ


@ ଶୁଭଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସୋଳ ଜଙ୍ଗଲ ଜଳୁଛି

## ୨ଦିନରେ ୨ଟି ଜଙ୍ଗଲରେ ଲାଗିଲାଣି ନିଆଁ

ନୟାଗଡ଼ ଅଫିସ,୧୬।୨

ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ଖେଡ଼ପଡା ଫରେଷ୍ଟ ଅନ୍ତର୍ଗତ ରାସୋଳ ଜଙ୍ଗଲ ଜଳୁଛି। ଗୁରୁବାର ପୂର୍ବାହ୍ନରୁ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିନାହାନ୍ତି। ଅନ୍ୟପକ୍ଷେ ବୁଧବାର ରାଜଗିରି ପାହାଡରେ ନିଆଁ ଲାଗିଥିଲା। ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ସମ୍ପର୍କରେ ନୟାଗଡ଼ ଫରେଷ୍ଟର ସୁମିତ୍ରା ମିଶ୍ର କୁହନ୍ତି, ଖବର ପାଇଲୁ। ନିଆଁ ଲିଭାଇବା ପାଇଁ ଯିବୁ। ତେବେ କିଛି ଲୋକ ରାସ୍ତାରେ ଗଲାବେଳେ ବିଡି, ସିଗାରେଟ ଖାଇ ଜଙ୍ଗଲ ଭିତରକୁ ଅବଶିଷ୍ଟ ଅଂଶ ଫୋପାଡି ଦେଇଥିବା ଜଣାପଡୁଛି। କିଏ ଏପରି କରୁଛି ଜଣାପଡୁନି। ତେବେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରହିଛି। ଅନ୍ୟପକ୍ଷେ ଜଙ୍ଗଲ ଭିତରେ ଫାୟାର ଲାଇନ କଟା ଯାଇଛି। ଜଙ୍ଗଲ ଭିତରକୁ ନିଆଁ ନ ଯିବାକୁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।


ରାସୋଳ ଜଙ୍ଗଲରେ ନିଆଁ ଲାଗି ଗଛ ଲତା ଜଳୁଛି।

## ଜାତିଆଣ ଆକ୍ଷେପରେ ବର୍ଷେ ଜେଲ

ନୟାଗଡ଼ ଅଫିସ,୧୬।୨

ଜାତିଆଣ ଆକ୍ଷେପ ସହ ମାରପିଟ ଘଟଣାର ନୟାଗଡ଼ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଶୁଣାଣି ହୋଇଛି। ଜିଲା ଓ ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଏହି ମାମଲାର ବିଚାର କରି ବିରିଡିହିର ଅଭିଯୁକ୍ତ ଜୁକୁନା ବେହେରାଙ୍କୁ ବର୍ଷେ ଜେଲଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୬ ମାସ ଅଧିକ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ଖଣ୍ଡପଡ଼ା ଥାନା ବିରିଡିହି ଗାଁର ଉଦ୍ୟନାଥ ସେଠୀଙ୍କୁ ସେହି ଗାଁର ଜୁକୁନା ଗାଳିଗୁଲଜ, ମାରପିଟ ସହ ଜାତିଆଣ ଆକ୍ଷେପ କରିଥିଲେ। ୨୦୧୭ ଜୁଲାଇ ୧୫ରେ ଘଟିଥିବା ଏହି ଘଟଣାକୁ ନେଇ ଉଦ୍ୟନାଥ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏସ୍‌ସି/ଏସ୍‌ଟି ଆକ୍ଟ, ୩୨୩, ୩(୨)(ଭି) ଦଫାରେ ମାମଲା କରି ତଦନ୍ତ କରିଥିଲା। ପରେ ପୋଲିସ ଜୁକୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ କିଛିଦିନ ଜେଲରେ ରହିବା ପରେ ଜାମିନ ପାଇଥିଲେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରେମାନନ୍ଦ ନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଜମାକାରୀଙ୍କୁ ଚିହ୍ନଟ କରି ଜମା ଟଙ୍କା ଫେରାଇବାକୁ ଦାବି

## ନୟାଗଡ଼ ତହସିଲ ସମ୍ମୁଖରେ ଗଣ ସତ୍ୟାଗ୍ରହ

ନୟାଗଡ଼ ଅଫିସ,୧୬।୨

ଚିଟ୍‌ଫଣ୍ଡ କେଲେଙ୍କାରି ଘଟଣାରେ କ୍ଷତିଗ୍ରସ୍ତ ଜମାକାରୀମାନେ ଗୁରୁବାର ନୟାଗଡ଼ ତହସିଲ ସମ୍ମୁଖରେ ଗଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ତୁରନ୍ତ ଜମାକାରୀଙ୍କୁ ଚିହ୍ନଟ କରି ଜମା ଟଙ୍କାକୁ ଫେରାଇବା ଦାବି କରିଛନ୍ତି। ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସୁପ୍ରିମ କୋର୍ଟ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ହାଇକୋର୍ଟଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଜମାକାରୀଙ୍କ ଅଭିଯୋଗ ଅନୁସାରେ, ତଦନ୍ତ କମିଶନ ବନ୍ଦ ହୋଇଥିବାରୁ ସମସ୍ତ ଛୋଟ ବଡ଼ ଜମାକାରୀଙ୍କୁ ତହସିଲ ଜରିଆରେ ଚିହ୍ନଟ କରାଯାଉ। ଅସାଧୁ କମ୍ପାନୀ ବିରୋଧରେ ମକଦ୍ଦମା ପଞ୍ଜୀକରଣ ସହ ତାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ଜବତ କରି ଖୋଲା ବଜାରରେ ନିଲାମ କରାଯାଉ। ଅନ୍ୟପକ୍ଷେ ପରିପକ୍ୱ ରାଶି ଉପରେ ସୁଧ ସହ ଟଙ୍କା ଫେରସ୍ତ ଦେବା ପାଇଁ ସମସ୍ତ ପ୍ରକାରର ତଦନ୍ତ ସୁପ୍ରିମ କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଇ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବାକୁ ଦାବି ରଖାଯାଇଛି। ରାଜ୍ୟର ୩୧୪ ତହସିଲସ୍ତରୀୟ ଜମାକାରୀ ଗଣ ସତ୍ୟାଗ୍ରହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ପ୍ରଥମାର୍ଦ୍ଧରେ ଜିଲାସ୍ତରୀୟ ଓ ଏପ୍ରିଲ ପ୍ରଥମାର୍ଦ୍ଧରେ ରାଜ୍ୟସ୍ତରୀୟ ଜମାକାରୀ ସତ୍ୟାଗ୍ରହ ଭୁବନେଶ୍ୱରଠାରେ କରାଯିବ ବୋଲି ଆୟୋଜକମାନେ ଆହ୍ୱାନ ଦେଇଛନ୍ତି। ଏହି ସତ୍ୟାଗ୍ରହରେ ମଞ୍ଚର ଯୁଗ୍ମ ଆବାହକ ଚଣ୍ଡାଳ ପ୍ରଧାନ, ଜିଲା ନେତା ସଞ୍ଜୟ ମହାପାତ୍ର, କୁଳମଣି ପୃଷ୍ଟି, ନୀଳମଣି ପାତ୍ର, ମଗୁଲି ସ୍ୱାଇଁ ଓ ନବ କିଶୋର ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।


ନୟାଗଡ଼ ତହସିଲ ସମ୍ମୁଖରେ ଚିଟ୍‌ଫଣ୍ଡ ଜମାକାରୀମାନେ ସତ୍ୟାଗ୍ରହ କରିଛନ୍ତି।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ଦ୍ୱାଦଶ ଶିବଲିଙ୍ଗ ସ୍ଥାପନ

ଖଣ୍ଡପଡା,୧୬।୨(ସ୍ୱ.ପ୍ର)

ପବିତ୍ର ମହାଶିବ ରାତ୍ରୀର ଅବବ୍ୟହିତ ପୂର୍ବରୁ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଖଣ୍ଡପଡା ଉପକେନ୍ଦ୍ର ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମେତ ଦ୍ୱାଦଶ ଶିବ ଲିଙ୍ଗଙ୍କ ସ୍ଥାପନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ପରିସରରେ ସ୍ଥାପିତ ଦ୍ୱାଦଶ ଜ୍ୟୋର୍ତି ଲିଙ୍ଗକୁ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଉପକେନ୍ଦ୍ରର ମୁଖ୍ୟ ମନୋରମା ଭଉଣୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ କେନ୍ଦ୍ର ମୁଖ୍ୟ ସଂଚାଳିକା ବି.କେ ମିନି ଭଉଣୀ, ଖଣ୍ଡପଡାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂଙ୍କ ସମେତ ସୁଦୁର ଥାଇଲ୍ୟାଣ୍ଡରୁ ଅନୁଷ୍ଠାନର ୨ଜଣ ସଦସ୍ୟ ଯୋଗ ଦେଇ ଆଧ୍ୟାତ୍ମିକତା ମାର୍ଗ ହିଁ ପ୍ରକୃତ ମାର୍ଗ ବୋଲି ମତ ଦେଇଥିଲେ । ଇଶ୍ୱରଙ୍କ ମହିମା ଓ ବାଣୀ ସଂପର୍କରେ ବ୍ରହ୍ମ କୁମାରୀ ମାନେ ଆଲୋକପାତ କରିଥିଲେ । ଏ ଅବସରରେ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ଅନୁଷ୍ଠାନର ପତାକା ଉତୋଳନ କରାଯାଇଥିଲା । ସମସ୍ତେ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବେ ବୋଲି ପତାକା ତଳେ ଶପଥ ନେଇଥିଲେ ।




## ୩ମାସ ପରେ ବଦଳିଲେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ

ଖଣ୍ଡପଡା,୧୬।୨(ସ୍ୱ.ପ୍ର)

ଖଣ୍ଡପଡା ଏନଏସି କାର୍ଯ୍ୟାଳୟରେ ରାଜନୈତିକ ଅସ୍ଥିରତା ଯୋଗୁଁ ଏଠାରେ ୩ମାସ ପୂର୍ବରୁ ଦାୟୀତ୍ୱ ନେଇଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ.ଅଶୋକକୁମାର ରାଉତ ଅନ୍ୟତ୍ର ବଦଳି ହୋଇଥିବା ଜଣାଯାଇଛି । ଗତ ୩ମାସ ତଳେ ଏଠାକୁ ବଦଳି ହୋଇ ଆସିଥିବା ନିର୍ବାହୀ ଅଧିକାରୀଙ୍କ ଆନନ୍ଦପୁର ମ୍ୟୁନିସପାଲଟିକୁ ବଦଳି ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ ତାଙ୍କ ସ୍ଥାନରେ ଏଠାରେ ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନଥିବାରୁ ଏନେଇ ସାଧାରଣରେ ଅସଂତୋଷ ପ୍ରକାଶ ପାଇଛି । ତେବେ ଖାଲି ପଡିଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସ୍ଥାନରେ ଜଣେ ଦକ୍ଷ ପ୍ରଶାସନିକଅଧିକାରୀଙ୍କୁନିଯୁକ୍ତିଦେବାକୁଖଣ୍ଡପଡାସହରବାସୀଦାବିକରିଛି।

# ପୁଅଙ୍କୁ ୩ବର୍ଷ ଜେଲଦଣ୍ଡ, ମା’ ବାପାଙ୍କ ବିଚାର ଚାଲିଛି

## କୋମଣ୍ଡ ଅପହରଣ ପରେ ହତ୍ୟା ଘଟଣା

ନୟାଗଡ଼ ଅଫିସ,୧୬।୨

ନୟାଗଡ଼ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଓଡ଼ଗାଁ ଥାନା କୋମଣ୍ଡ ଗାଁର ବୃଦ୍ଧ ତ୍ରିନାଥ ସାହୁଙ୍କ ହତ୍ୟା ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ଜୁଭେନାଇଲ ଜଷ୍ଟିସ ବୋର୍ଡ ବିଚାରପତି ନିଶାକର ସାହୁ ମାମଲାର ବିଚାର କରି ନାରାୟଣ ସାହୁ(୨୨)ଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ନାରାୟଣଙ୍କ ମା’ ଓ ବାପାଙ୍କ ମକଦ୍ଦମା ଅତିରିକ୍ତ ଜିଲାଜଜ୍ କୋର୍ଟରେ ଚାଲିଛି। ମା’ବାପା ଜାମିନରେ ଅଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ୨୦୧୮ ଜାନୁୟାରୀ ୨୪ରେ କୋମଣ୍ଡ ଗାଁର ତ୍ରିନାଥ ସାହୁ ବାଘୁଆ ଛକକୁ ସଉଦା ପାଇଁ ଯାଇଥିଲେ। ସଉଦା ଶେଷ କରି ମଶାଣିସାହି ରାସ୍ତାରେ ଅପରାହ୍ନ ୨ଟାରେ ଫେରୁଥିଲେ। ତେବେ ତ୍ରିନାଥ ଘରକୁ ଫେରି ନ ଥିଲେ। ବାଟରୁ କୋମଣ୍ଡ ଗାଁର ଚନ୍ଦ୍ରମଣି ସାହୁ, ସ୍ତ୍ରୀ ଲକ୍ଷ୍ମୀ ଓ ନାବାଳକ ୧୭ ବର୍ଷର ପୁଅ ମିଳିତ ହୋଇ ତ୍ରିନାଥଙ୍କୁ ଅପହରଣ କରି ହତ୍ୟା କରିଥିଲେ। ପରେ ଘରେ ତାଲା ପକାଇ ବାପ, ପୁଅ ଓ ମା’ ଫେରାର ହୋଇଯାଇଥିଲେ। ତ୍ରିନାଥ ଘରକୁ ନ ଫେରିବାରୁ ବୋହୂ ଗୀତାଞ୍ଜଳି ଓଡଗାଁ ଥାନାରେ ଅଭିଯୋଗ କରିଥିଲେ। ତେବେ ୨୦୧୮ ଜାନୁୟାରୀ ୨୫ରେ କୟାଁଖାଲ ନିକଟସ୍ଥ କୂଅରୁ ମୃତଦେହ ଜବତ ହୋଇଥିଲା। ବୋହୂଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୩୦୨, ୨୦୧, ୩୪ ଆଇପିସିରେ ନଂ.୧୮/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ବାପା ଓ ମା’ଙ୍କୁ ଗିରଫ କରିଥିବାବେଳେ ନାବାଳକ ୧୭ ବର୍ଷର ପୁଅଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଇଥିଲା। ବାପା ଓ ମା’ ଜାମିନରେ ଅଛନ୍ତି। ପୁଅ ସାବାଳକ ପରେ ଦଣ୍ଡ ହୋଇଛି। ସରକାରୀ ଓକିଲ ଆକାଶ ଦାଶ ମକଦ୍ଦମା ପରିଚାଳନା କରିଥିଲେ।

# ଭିଜିଲାନ୍ସ ଅଭିଯୁକ୍ତଙ୍କୁ ଧରି କୂଅ, ପୋଖରୀର କରୁଛି ତଦନ୍ତ

## କୂଅ ପୋଖରୀ ଫଲ୍‌ସ ବିଲ୍ ମାମଲା

■ ତଦନ୍ତର ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ

ନୟାଗଡ଼ ଅଫିସ/ଭାପୁର, ୧୬।୨(ଡି.ଏନ.ଏ.)

ନୟାଗଡ ଜିଲା ଭାପୁର ବ୍ଲକରେ କୋଟି କୋଟି ଟଙ୍କାର ଫଲସ୍ ବିଲ୍ ହେବା ପରେ ଏହା ଚର୍ଚ୍ଚାକୁ ଆସିଥିଲା। ଏପରିପ୍ରେକ୍ଷୀରେ ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତରେ କୂଅ ଓ ପୋଖରୀ ଫଲସ୍ ବିଲ୍ ଘଟଣାର ତଦନ୍ତ ହୋଇଛି। ଗୁରୁବାର ନୟାଗଡ଼ ଭିଜିଲାନ୍ସ ଟିମ୍ ପଦ୍ମାବତୀ ପଞ୍ଚାୟତକୁ ଯାଇ ଅଭିଯୋଗ ହୋଇଥିବା କୂଅ ପୋଖରୀକୁ ତଦନ୍ତ କରି ଖୋଜିଛି। ହେଲେ ଅଭିଯୁକ୍ତଙ୍କୁ ଧରି କୂଅ ଓ ପୋଖରୀର ତଦନ୍ତ ଭିଜିଲାନ୍ସ କରିବା ପରେ ତଦନ୍ତର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି। ଭିଜିଲାନ୍ସ ଦୁର୍ନୀତି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ଉପୁଜିଲାଣି। ଭିଜିଲାନ୍ସ ଟିମ୍‌ରେ ନୟାଗଡ଼ ଡିଏସ୍‌ପି ଶ୍ରୀକାନ୍ତ ବେହେରା, ଏଏସ୍‌ଆଇ ଭବାନୀ ପଟ୍ଟନାୟକ, ଓଡ଼ଗାଁ ଜେଇ ବୃନ୍ଦାବନ ବିହାରୀ ପଣ୍ଡା, ନୟାଗଡ଼ ଜେଇ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ମାରଡା ଆରଆଇ ବିଭୂତି ଭୂଷଣ ବେହେରା, ଅମିନ ଯୁଧିଷ୍ଠିର ନାୟକ ସାମିଲ ଅଛନ୍ତି। ଭିଜିଲାନ୍ସକୁ ସହଯୋଗ କରିଥିଲେ, ପଦ୍ମାବତୀ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମଲତା ସେଠୀ, ପଦ୍ମାବତୀ ପଞ୍ଚାୟତର ପୂର୍ବତନ ଜିଆରସ ଶ୍ରୀଧର ନାୟକ ପ୍ରମୁଖ। ଏଭଳିସ୍ଥଳେ ଅଭିଯୋଗ ଉଠିଛି ଫଲସ୍ ବିଲ କରି ଚର୍ଚ୍ଚାରେ ଥିବା ଯୋଗେନ୍ଦ୍ର କୁମାର ସ୍ୱାଇଁଙ୍କୁ ନେଇ କୂଅ ପୋଖରୀ କାହିଁକି ଖୋଜିଲା ଭିଜିଲାନ୍ସ ଟିମ। ଏହାରି ଭିତର ରହସ୍ୟ କ’ଣ ହୋଇପାରେ। ଏ ନେଇ ଡିଏସ୍‌ପି ଶ୍ରୀକାନ୍ତ ବେହେରାଙ୍କୁ ପଚାରିବାରୁ ତଦନ୍ତ ପାଇଁ କେହି ରାଜି ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସଫେଇ ଦେଇଛନ୍ତି। ଏଥିସହ ଲୋକେ ସହଯୋଗ କଲେ ତଦନ୍ତ ଠିକ ଦିଗରେ ଆଗେଇବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ପଦ୍ମାବତୀ ପଞ୍ଚାୟତରେ ସବୁ ନିୟମକୁ ଦଳିଚକଟି ୯୮ଟି ମୋ ପୋଖରୀ ଓ ୫୯ଟି ଗଭୀର ସେଚ କୂପକୁ ଫଲସ୍ ବିଲ କରି ଲକ୍ଷାଧିକ ଟଙ୍କା ହେରଫେର ନେଇ ଅଭିଯୋଗ ହୋଇଥିଲା। ସୂଚନା ଅଧିକାର ଆଇନର ତଥ୍ୟ ଅନୁଯାୟୀ, ପଦ୍ମାବତୀ ପଞ୍ଚାୟତ ଅଧୀନ ତଳମାରଡ଼ା, ଝଗଡପଡ଼ା ଏବଂ ପଦ୍ମାବତୀ ଗାଁରେ ୨୦୧୭ରୁ ୨୦୨୨ ମଧ୍ୟରେ ୯୮ଟି ମୋ ପୋଖରୀ ଏବଂ ୫୯ଟି ଗଭୀର ସେଚ କୂପ ପ୍ରକଳ୍ପ ନିର୍ମାଣ ହୋଇଥିଲା। ତେବେ ଗାଁ ଗାଁରୁ ଅଭିଯୋଗ ଯେ, ଯୋଜନା ହାତେଇଥିବା ହିତାଧିକାରୀମାନଙ୍କ ପ୍ରକଳ୍ପ ଭୂତ ଖାଇଥିବା ବେଳେ ଏହାର ସୁବିଧା ନେବା ପାଇଁ ସେମାନଙ୍କ ପାଖରେ ଜମି ଗୁଣ୍ଠେ ମଧ୍ୟ ନାହିଁ। ଏ ନେଇ ପଦ୍ମାବତୀ ଗ୍ରାମ୍ୟ କମିଟି ନୟାଗଡ଼ ଜଲାପାଳଙ୍କୁ ଅଭିଯୋଗ କରିଥିଲା। ଅଭିଯୋଗ ପରେ ୮୮ ଟି ମୋ ପୋଖରୀ ଏବଂ ୫୦ଟି ଗଭୀର ସେଚ କୂପକୁ ବିଲ୍‌କୁଲ୍ କାମ ନ କରି ଫଲସ୍ ବିଲ୍ ହୋଇଥିବା ଜଣା ପଡିଥିଲା। ଏହି ଦୁର୍ନୀତି ପ୍ରସଙ୍ଗରେ ପଦ୍ମାବତୀ ଗ୍ରାମ୍ୟ କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଫଲସ୍ ବିଲ୍ ନେଇ ହାଇକୋର୍ଟରେ ମାମଲା ରୁଜୁ ହେବା ପରେ ସେତେବେଳର ବ୍ଲକ ଉପାଧ୍ୟକ୍ଷ ଥିବା ତଥା ବର୍ତ୍ତମାନ ଭାପୁର ବ୍ଲକ ବିଜେଡି ସଭାପତି ଗୟାଧର ପରିଡାଙ୍କ ସମେତ ମୋଟ ୬ ଜଣଙ୍କ ନାମରେ ମାମଲା ରୁଜୁ ପାଇଁ ଗତ ୩୦ ତାରିଖରେ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ବିଜେଡି ବ୍ଲକ ସଭାପତିଙ୍କ ସମେତ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ ଓ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ସାହୁ, ସମିତିସଭ୍ୟ ସୁବାସ ଚନ୍ଦ୍ର ବାରିକ, ଜିଆରଏସ୍ ଶ୍ରୀଧର ନାୟକ ଏବଂ ଦସ୍ତଖତ ଜାଲିଆତି କରି ଚର୍ଚ୍ଚାରେ ଥିବା ଯୋଗେନ୍ଦ୍ର ସ୍ୱାଇଁଙ୍କ ନାଁରେ ଭିଜିଲାନ୍ସରେ ମାମଲା ହୋଇଥିଲା।


ଭିଜିଲାନ୍ସ ଟିମ୍ ପଦ୍ମାବତୀ ପଞ୍ଚାୟତରେ କୂଅ, ପୋଖରୀ ଖନନର ଫଲସ୍ ବିଲ୍ ନେଇ ତଦନ୍ତ କରୁଛନ୍ତି।



## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ବ୍ୟବସାୟୀଙ୍କ ମୃତଦେହ ଜବତ

ଛତିଆ,୧୬।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ ଛତିଆ ଅଞ୍ଚଳର ଯୁବ ବ୍ୟବସାୟୀ ହିମାଂଶୁ ଦାସଙ୍କ ଝୁଲନ୍ତା ମୃତଦେହ କଟକ ଯାଜପୁର ସୀମାନ୍ତ ଜଙ୍ଗଲରୁ ଟାଙ୍ଗୀ ପୋଲିସ ଜବତ କରିଛି । ମୃତକ ଦାସ ଦୀର୍ଘଦିନ ଧରି ଛତିଆ ବଜାରରେ ଏକ ଷ୍ଟେଶନାରୀ ଦୋକାନ କରିଥିଲେ । ହେଲେ ୩ ଦିନ ହେବ ସେ ନିଖୋଜ ଥିଲେ । ପରିବାର ଲୋକ ସବୁ ଆଡେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା । ପୋଲିସ ତାଙ୍କ ମୋବାଇଲକୁ ଟ୍ରାକିଂ କରି କଟକ ଟାଙ୍ଗୀ ହରିପୁର ଡ୍ୟାମ୍ ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରିଥିଲା । ଟାଙ୍ଗୀ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଛି । ଏହା ହତ୍ୟା କି ଆତ୍ମହତ୍ୟା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି ।

### ଅଗ୍ନି ବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି

ସିଂହପୁର,୧୬।୨(ଡି.ଏନ.ଏ.): ବିଂଝାରପୁର ବ୍ଲକ ଅଧୀନ ଜରି ଗ୍ରାମର ରାଜେନ୍ଦ୍ର ମଲିକ, ଯୁଧିଷ୍ଠିର ମଲିକ, ଉମାକାନ୍ତ ମଲିକ, ରମାକାନ୍ତ ମଲିକ, ଅମର ମଲିକ, ଭ୍ରମରବର ମଲିକଙ୍କ ଘର ଗତ ରବିବାର ରାତିରେ ଜଳିଯାଇଥିଲା । ଏହି ଅଗ୍ନିକାଣ୍ଡରେ ସେମାନଙ୍କ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ବିପନ୍ନ ପରିବାର ଏବେ ଖୋଲା ଆକାଶ ତଳେ ଦିନ କାଟୁଛନ୍ତି । ବିଂଝାରପୁରର ପ୍ରାକ୍ତନ ବ୍ଲକ ଅଧକ୍ଷ ତଥା ରାଜ୍ୟ ମହିଳା କଂଗ୍ରେସର ଉପସଭାନେତ୍ରୀ କନକଲତା ମଲିକ ସେମାନଙ୍କୁ ଭେଟି ଆଶ୍ୱାସନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅଗ୍ନି ବିପନ୍ନ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ସହ ସିଂହପୁର କାକୁଡିପଡିଆଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବାକୁ କନକଲତା ଦାବି କରିଛନ୍ତି । ବିଂଝାରପୁର ବ୍ଲକ କଂଗ୍ରେସର ପ୍ରାକ୍ତନ ସାଧାରଣ ସମ୍ପାଦକ ସୁଦାମ ଚରଣ ସାମଲ, ଶ୍ରୀଧର ମଲିକ, କଳ୍ପତରୁ ମଲିକ, ସୁଦର୍ଶନ ମଲିକ ପ୍ରମୁଖ ବିପନ୍ନଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।

### ବ୍ରିଟିଶ ନାଗରିକ ଡେରିକ୍ ମୋରେଙ୍କ ଶ୍ରାଦ୍ଧୋତ୍ସବ

ଚଣ୍ଡିଖୋଲ,୧୬।୨(ଡି.ଏନ.ଏ.): ବିଶିଷ୍ଟ ଦାର୍ଶନିକ ଓଡ଼ିଶାର ପରମ୍ପରା ଓ ସଂସ୍କୃତିକୁ ଭଲପାଉଥିବା ବ୍ରିଟିଶ ନାଗରିକ ଡ଼େରିକ୍ ମୋରେଙ୍କ ଦ୍ୱାଦଶ ତମ ଶ୍ରାଦ୍ଧୋତ୍ସବ ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁରଠାରେ ପାଳିତ ହୋଇଯାଇଛି। ଡ଼େରିକ୍‌ଙ୍କ ଘନିଷ୍ଠ ବନ୍ଧୁ ଆନ୍ତର୍ଜାତିକ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କ ଜନ୍ମସ୍ଥାନ ନାନ୍‌ପୁର ଗ୍ରାମରେ ଡ଼େରିକ ପ୍ରଫୁଲ୍ଲ ଫାଉଣ୍ଡେଶନ୍ ନାମକ ଅନୁଷ୍ଠାନ ପକ୍ଷରୁ ବୁଧବାର ତାଙ୍କର ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା। ପ୍ରଥମେ ପ୍ରଫୁଲ୍ଲ ମହାନ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାପରେ କୁନିକୁନି ପିଲା ଓ ଗ୍ରାମୀଣ ମହିଳାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ସମ୍ପର୍କରେ ବିଶିଷ୍ଟ ଚିତ୍ର ଶିଳ୍ପୀ ମହାନ୍ତି କୁହନ୍ତି, ଡ଼େରିକ ମୋରେ ଓଡ଼ିଶାକୁ ଅତ୍ୟନ୍ତ ଭଲପାଉଥିଲେ। ଯେଉଁଥିପାଇଁ ତାଙ୍କ ଲେଖାରେ ଓଡ଼ିଶାର ପାଣି ପବନ ଏପରିକି ମୋ ଗାଁର ଚିତ୍ର, ବିରୂପା ନଦୀ ଓ ପାହାଡ ଝରଣା ସମ୍ପର୍କରେ ଇଂରାଜୀ ଭାଷାରେ କବିତା ଲେଖିଯାଇଛନ୍ତି। ତାଙ୍କ ଲେଖା ତାଙ୍କୁ ଅମର କରି ରଖିଛି ସେଥିପାଇଁ ଦୀର୍ଘ ୧୨ବର୍ଷହେଲା ଆମେ ତାଙ୍କର ଶ୍ରାଦ୍ଧୋତ୍ସବ ପାଳନ କରୁଛୁ।

# କାମ ନ କରି ଅର୍ଥ ଆତ୍ମସାତ୍ ଉଦ୍ୟମ

**କୋରେଇ ବ୍ଲକ୍‌ରେ ଦୁର୍ନୀତି**

- ଅସନଝର ପଞ୍ଚାୟତରେ ଚାଲିଛି ଖେଳ ପଡ଼ିଆ ଉନ୍ନତୀକରଣ
- ଗୌରପୁର ପଞ୍ଚାୟତରେ ବି ସରକାରୀ ଅର୍ଥ ହେରଫେର୍

କୋରେଇ,୧୬।୨(ଡି.ଏନ.ଏ.)

ଯାଜପୁର ଜିଲା କୋରେଇ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ବଢ଼ିବାରେ ଲାଗିଛି । କେଉଁଠି ମେଶିନରେ କାମ ହେଉଛି ତ ଆଉ କେଉଁଠି କେବଳ ଫଳକ ଲଗାଇ ଆବଣ୍ଟିତ ଅର୍ଥରାଶି ହରିଲୁଟ୍ ହେଉଛି । ବ୍ଲକ୍ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀ ଓ ଠିକାଦାର ମିଳିତ ଭାବେ ଏହି ଦୁର୍ନୀତି କରି ଚାଲିଛନ୍ତି । ଠିକାଦାରମାନେ ବ୍ଲକ କାର୍ଯ୍ୟାଳୟରେ ୧୦ବର୍ଷ ହେବ ଦାୟିତ୍ୱରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ, କେତେଜଣ ଅସାଧୁ କନିଷ୍ଠ ଯନ୍ତ୍ରୀ(ଜେଇ), ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଏବଂ ପଞ୍ଚାୟତ ନିର୍ବାହୀ ଯନ୍ତ୍ରୀ (ଭିଏଲଡବ୍ଲ୍ୟୁ)ଙ୍କୁ ହାତ କରି ଏପରି ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି ।

ଏଠାରେ ଅସନଝର ପଞ୍ଚାୟତ ରାମକୃଷ୍ଣପୁର ଖେଳପଡ଼ିଆ ଉନ୍ନତିକରଣ କାମକୁ ଉଦାହରଣ ଭାବେ ନିଆଯାଇଛି। ଏହି ଖେଳପଡିଆ ଉନ୍ନତି ନିମନ୍ତେ ଏମ୍‌ଜିଏନ୍‌ଆର୍ ଇଜିଏସ୍ ପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଯାହାର କୋର୍ଡ ନଂ.୨୪୨୦୦୦୮୦୧୦/ଏଲଡ଼ି/୧୦୭୩୪୬୮୪ ରହିଥିବା ବେଳେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ସମ୍ପର୍କରେ ଫଳକରେ କୌଣସି ସୂଚନା ଦିଆଯାଇନାହିଁ । ବିଡମ୍ବନାର ବିଷୟ ଠିକାଦାର ପଡ଼ିଆର ଅଗ୍ରଗତି ନିମନ୍ତେ କୌଣସି ପଦକ୍ଷେପ ନେଇ ନାହାନ୍ତି। କେବଳ ଗୋଟିଏ ସୂଚନା ଫଳକ ଲଗାଇ କନିଷ୍ଠ ଯନ୍ତ୍ରୀଙ୍କ ସହଯୋଗରେ ଆବଣ୍ଟିତ ଅର୍ଥରାଶି ହରିଲୁଟ୍ କରିବାକୁ ମସୁଧା କରିଛନ୍ତି । ଏହି କ୍ରମରେ ୬ଟି ଜାଲ୍ ମଷ୍ଟରରୋଲ୍ ପ୍ରସ୍ତୁତ କରି ରାମକୃଷ୍ଣପୁର ଗ୍ରାମର ଅଶ୍ୱିନୀ କୁମାର ଜେନା, ଗୀତାଞ୍ଜଳି ଜେନା, ମନୋରମା ଜେନା, ଲକ୍ଷ୍ମୀଧର ସ୍ୱାଇଁ, ଭଗବତୀ ସ୍ୱାଇଁ, ପଦ୍ମିନୀ ଓଝା, ମନୋରମା ମହାରଣା, ରମାକାନ୍ତ ଘଡ଼େଇଙ୍କ ନାମରେ ୪୮ଦିନର କାର୍ଯ୍ୟଦିବସ ଦର୍ଶାଇ ମୋଟ୍ ୧୫୯୮୪ ଟଙ୍କାର ବିଲ୍ କରାଯାଇଛି । କାମ ଚାଲୁଥିବା ଦର୍ଶାଇ ଅନ୍ୟ ବିଲ୍ ମଧ୍ୟ କରାଯାଉଛି । ଏହି କାମର ବାସ୍ତବ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଦେଖିବାକୁ ମିଳିଛି । ଗୋଟିଏ ସୂଚନା ଫଳକକୁ ଛାଡିଦେଲେ ଏହି ଖେଳ ପଡ଼ିଆରେ କୌଣସି ଉନ୍ନତି ହୋଇ ନ ଥିବା ଜଣାପଡିଛି । କନିଷ୍ଠ ଯନ୍ତ୍ରୀ କେଉଁ ଆଧାରରେ ବିଲ୍ ପ୍ରଦାନ କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଅଗୋଚରରେ କେତେଜଣ ଦୁର୍ନୀତିଖୋର ଅଫିସର ଏପରି କରି ମୋଟା ଅଙ୍କର ମୁନାଫା ନେଉଥିବା ଚର୍ଚ୍ଚା ହେଉଛି । ସେହିପରି ଗୌରପୁର ପଞ୍ଚାୟତରେ ମଧ୍ୟ ଠିକାଦାର ଓ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଫଳକ ଲଗାଇ ଏକାଧିକ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ଅର୍ଥ ହରିଲୁଟ୍ ହୋଇଛି । ଏ ବିଷୟରେ କନିଷ୍ଠ ଯନ୍ତ୍ରୀ ହେମଲତା ପ୍ରଧାନଙ୍କ ମତାମତ ନେବାକୁ ତାଙ୍କୁ ଏକାଧିକ ଥର ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ ।

# ରାଧାଦେଇପୁର ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

**ମା'ତାରିଣୀ ଅନଚାଲେଞ୍ଜ କପ୍ କ୍ରିକେଟ୍**

ରସୁଲପୁର,୧୬।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଜଗନ୍ନାଥ ନୋଡାଲ ସ୍କୁଲ ଖେଳପଡିଆରେ ମା'ତାରିଣୀ ଅନ୍ ଚାଲେଞ୍ଜ କ୍ରିକେଟ କପ୍‌-୨୦୨୩ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଜଗନ୍ନାଥପୁରକୁ ହରାଇ ରାଧାଦେଇପୁର ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ୍‌ରେ ରାଧାଦେଇପୁର ଟସ୍ ଜିଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରୁ ୧୭୦ରନ ସଂଗ୍ରହ କରିଥିଲେ । ଜବାବରେ ଜଗନ୍ନାଥପୁର ଦଳ ୧୪୪ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ । ଏଠାରେ ଆୟୋଜିତ ଟ୍ରଫି ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜେମ୍ସ ଫାଉଣ୍ଡେଶନର ସଭାପତି ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ଭାବେ ଯୁବନେତା ନିହାର ରଞ୍ଜନ ଦାସ, ମହେଶ୍ୱର ସ୍ୱାଇଁ, ଧର୍ମଶାଳା ବ୍ଲକ ସଭାପତି କ୍ଷିତଶ୍ ରାଉତ, ସମ୍ପାଦକ ଅୟସକାନ୍ତ ରାଉତ, ଛାତ୍ର ସଭାପତି ସ୍ମୃତିରଞ୍ଜନ ଦାସ, ଖବରଦାତା ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ଖେଳାଳି ଆର.କେ ପାଣ୍ଡେଙ୍କୁ ଶ୍ରେଷ୍ଠ ବୋଲର, ଡିକେ ସୁବାଶିଷ, ବିକାଶ ଦାସଙ୍କ ଉନ୍ନତ ଖେଳ ପାଇଁ ପୁରସ୍କୃତ କରାଯାଇ ଥିଲା । ତପନ ବେହେରା, ଗୋରାଚାନ୍ଦ ମହାନ୍ତି, ଭାଷ୍ୟକାର ପ୍ରହ୍ଲାଦ ସାହୁ, ରାଜେଶ ଦାସ ପ୍ରମୁଖ ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ । ନରେଶ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍ମଚାରୀଙ୍କ ଅବସର ଦିନ ସାମୟିକ ବୃତ୍ତିପତ୍ର ଦେବା ଉପରେ ଗୁରୁତ୍ୱ




ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀବୃନ୍ଦ ।

**ଜିଲାସ୍ତରୀୟ ପେନ୍‌ସନ୍ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ**

ଯାଜପୁର ଟାଉନ,୧୬।୨(ଡି.ଏନ.ଏ.)

ଗୁରୁବାର ପୂର୍ବାହ୍ନରେ ଗୌତମ ବୁଦ୍ଧ ସଂସ୍କୃତିଭବନ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ପେନ୍‌ସନ୍ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବିଭାଗରେ ଥିବା ଅବସରକାଳୀନ ପେନ୍‌ସନ୍ ସମସ୍ୟାଗୁଡିକୁ ତର୍ଜମା ପୂର୍ବକ କେଉଁ କାରଣରୁ ପେନ୍‌ସନ୍ କେଶ୍ ଗୁଡିକ ସମାଧାନ ହୋଇପାରି ନାହିଁ ସେ ସମ୍ପର୍କରେ ଡିଡିଓମାନଙ୍କ ଦ୍ୱାରା ଆଲୋଚନା କରି ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କେବଳ ଭିଜିଲାନ୍ସ, ବିଭାଗୀୟ ପ୍ରୋସିଡିଂ ଏବଂ କୋର୍ଟ ଅଧୀନରେ ଥିବା ବିଚାରଧୀନ ପେନ୍‌ସନ୍ କେଶ୍‌ଗୁଡିକୁ ଛାଡ଼ି ଅନ୍ୟ ସମସ୍ତ ପେନ୍‌ସନ୍ କେଶ୍‌ଗୁଡିକୁ ଡିଡିଓମାନେ ଅଗ୍ରାଧିକାର ଭିତ୍ତିରେ ଚଳିତ ମାର୍ଚ୍ଚ ସୁଦ୍ଧା ଶତପ୍ରତିଶତ ସାମୟିକ ବୃତିପତ୍ର ପ୍ରଦାନ କରି ଜିଲା ପ୍ରଶାସନକୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଡିଡିଓମାନେ ଏଥିରେ ଅବହେଳା କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରାଠୋର ତାଗିଦା କରିଥିଲେ। କର୍ମଚାରୀମାନେ ସରକାରୀ ସେବାରେ ଯୋଗଦାନ ଦିନଠାରୁ ୬୦ବର୍ଷ ପର୍ଯ୍ୟନ୍ତ ସରକାରୀ ସେବା ନିରବିଚ୍ଛିନ୍ନ ଭାବେ ଯୋଗାଇ ଦେଇଥିବାରୁ ଅବସର ଦିନ ସେମାନଙ୍କୁ ପ୍ରାପ୍ୟ ଓ ସାମୟିକ ବୃତ୍ତିପତ୍ର (ପ୍ରୋଭିଜିନାଲ ପେନ୍‌ସନ୍ ଅର୍ଡର) ପ୍ରଦାନ କରିବା ପ୍ରତ୍ୟେକ ଡିଡିଓମାନଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି ଜିଲାପାଳ କହିଥିଲେ ।

ବୈଠକରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଡିଡିଓମାନଙ୍କ ଅଧୀନରେ ଥିବା ପେନ୍‌ସନ୍ କେଶ୍‌ଗୁଡିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ଓ ଫେବୃୟାରୀ ୨୦ ତାରିଖ ସୁଦ୍ଧା ପେନ୍‌ସନ୍ ହେଲ୍ପ ଡେକ୍ସ (ପେନ୍‌ସନ୍ ସହାୟତା ଟେବୁଲ) ଗଠନ କରି ଜିଲା ପ୍ରଶାସନକୁ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଅଶୋକ କୁମାର ବେଉରିଆ ଯୋଗଦେଇ ସ୍ଥଗିତ ଥିବା ବିଭିନ୍ନ ପେନ୍‌ସନ୍ କେଶ୍‌ଗୁଡିକୁ ଡିଡିଓମାନେ ଆନ୍ତରିକତାର ସହ ବିଚାରକୁ ନେଇ ସମାଧାନ ଦିଗରେ ଆଗେଇ ଆସିଲେ ନିଶ୍ଚିତ ଭାବେ ଆମ ଜିଲାର ସମସ୍ତ ପେନ୍‌ସନ୍ କେଶ୍ ସମାଧାନ ହୋଇପାରିବ ବୋଲି ସେ କହିଥିଲେ ।

# ଲିଙ୍ଗେଶ୍ୱର ମହାଦେବଙ୍କ ମହା ଶିବରାତ୍ରୀ ପାଇଁ ପ୍ରସ୍ତୁତି

ପାଣିକୋଇଲି,୧୬।୨(ଡି.ଏନ୍.ଏ.)

କୋରାଇ ବ୍ଲକ ଅନ୍ତର୍ଗତ ପୂର୍ଣ୍ଣତୋୟା ବୈତରଣୀ ନଦୀ କୂଳର ମୂଳାପାଳଠାରେ ଅବସ୍ଥିତ ଶ୍ରୀ ଶ୍ରୀ ଲିଙ୍ଗେଶ୍ୱର ମହାଦେବଙ୍କ ମହାଶିବ ରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭକ୍ତ ଓ ଦର୍ଶକ ପାଇ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସୁରୁଖୁରରେ ଭକ୍ତମାନଙ୍କ ଦର୍ଶନ, ଦୀପ ଦାନ, ଦୀପ ବସା ଓ ମହା ଦୀପ ଉଠା ପର୍ଯ୍ୟନ୍ତ କିପରି ସୁରୁଖୁରରେ କରାଯାଇ ପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ସକାଳୁ ପୂଜା ଆରମ୍ଭ କରାଯିବା ସହ ସକାଳ ୯ଟାରୁ ୬ ଘଟିକା ପର୍ଯ୍ୟନ୍ତ ଭଜନ କୀର୍ତ୍ତନ, ଭଜନ ପରିବେଷଣ କରାଯିବ । ୧୯ ତାରିଖ ସକାଳୁ କବିତା ପାଠୋତ୍ସବ, ଶ୍ରୀ ଲିଙ୍ଗେଶ୍ୱର ପତ୍ରିକା ଉନ୍ମୋଚନ ଓ ସାହିତ୍ୟ ସଭା ଅନୁଷ୍ଠିତ ହେବ । ସନ୍ଧ୍ୟାରେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ବାର୍ଷିକୋତ୍ସବ ପାଳନ କରାଯିବ । ଏହି ଅବସରରେ ରକ୍ତଦାନ ଶିବିର ଏବଂ ସନ୍ଧ୍ୟାରେ ବିଭିନ୍ନ ସଂସ୍କୃତି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ୨୧ ଓ ୨୨ ତାରିଖ ଭଜନ ପ୍ରତିଯୋଗୀତା ଅନୁଷ୍ଠିତ ହେବ । କମିଟିର ସଭାପତି ଦୈତାରୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଦୀପ କୁମାର ଧଳ, ଉପସଭାପତି ସଦାନନ୍ଦ ସାମଲ, ସହ ସମ୍ପାଦକ ନିତ୍ୟାନନ୍ଦ ପରିଡା, କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ଦାମୋଦର ଧଳ, ପ୍ରତାପ ଚନ୍ଦ୍ର ଧଳ, ଗୋଲକ ଚନ୍ଦ୍ର ମାଝୀ, ଶରତ ଚନ୍ଦ୍ର ଧଳ, ଦିଲ୍ଲୀପ ଧଳ, ବାସୁଦେବ ପରିଡା, ବୃନ୍ଦାବନ ସାହୁ, ମାନସ ଧଳ, ଆନନ୍ଦ ପାଳ, ରାଜକିଶୋର ମଲ୍ଲିକ, ଭଗବାନ ସାହୁ, ଅଶୋକ କୁମାର ସାହୁ, କୈଳାସ ସାହୁ, ବିଷ୍ଣୁ ଧଳ(କ), ଶଙ୍କର୍ଷଣ ପରିଡା, ମଦନ ମୋହନ ମାଝୀ, ବିଷ୍ଣୁ ଧଳ (ଖ), ଭବ ପ୍ରସାଦ ଧଳ, ତାପସ ଧଳ, ନାଣ୍ଟୁ ମଲିକ, ରମେଶ ସାହୁ (ପାଗଳା)ଙ୍କ ସମେତ ସମସ୍ତ ସଦସ୍ୟ ଓ ପୂଜକ , କର୍ମଚାରୀ ଉପସ୍ଥିତ ଥିଲେ । ପାଣିକୋଇଲି ପୋଲିସ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଓ ଶାନ୍ତି ଶୃଙ୍ଖଳ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକ ଗୁରୁତର

କୋରେଇ,୧୬।୨(ଡି.ଏନ.ଏ.)

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ରଗଡ଼ି ଅଞ୍ଚଳରେ ଥିବା ମା'କାମୁଡ଼େଇ ପୀଠର ମୁଖ୍ୟ ଫାଟକ ସମ୍ମୁଖରେ କେତେଜଣ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କୁ ଗୁରୁବାର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛଇ । ଆହତ ଯୁବକ ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଇଁକୁଳ ଗ୍ରାମର ସନାତନ ଚକ୍ରଙ୍କ ପୁଅ ଅରୁଣ କୁମାର ଚକ୍ର ( ନୁଠୁ ) । ସେ କୌଣସି କାମରେ ରଗଡ଼ି ଆସିଥିଲା ବେଳେ ଏହି ଘଟଣା ଘଟିଥିଲା । ପୋଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଛି ।

# ହାଜିରହିମିଆଁ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ବ୍ରହ୍ମବରଦା,୧୬।୨(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ହାଜିରହିମିଆଁ ସରକାରୀ ହାଇସ୍କୁଲରେ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଶଶଧର ସିଂ, ସମ୍ମାନିତ ଅତିଥି ଭାବେ ରସୁଲପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ସିଆରସିସି ଶ୍ରୀବତ୍ସ ସାହୁ , ବରୀ ନିର୍ବାଚନ ମଣ୍ଡଳୀ ୩୬ନଂ.ଜୋନର ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ସମିତିସଭ୍ୟା ରୁକସାନା ପରୱିନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶରତ ଚନ୍ଦ୍ର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଲ୍ଲାଉଦ୍ଦିନ ଖାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ ମନୋରଞ୍ଜନ ବିଶ୍ୱାଳ ଏବଂ ପୁରସ୍କାର ବିତରଣ କାର୍ଯ୍ୟରେ ସହଯୋଗ କରିଥିଲେ ବିଶ୍ୱବନ୍ଧୁ ଗିରି । ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କାଉଟ୍ ଗାଇଡ୍‌ର ବାର୍ଷିକ କ୍ୟାମ୍ପୋରି ଉଦ୍‌ଯାପିତ

ଯାଜପୁର ଟାଉନ,୧୬।୨(ଡି.ଏନ୍.ଏ.)

ଯାଜପୁର ଜିଲାସ୍କୁଲଠାରେ ଭାରତ ସ୍କାଉଟ ଗାଇଡ୍‌ର ୩ ଦିନିଆ ବାର୍ଷିକ କ୍ୟାମ୍ପୋରୀ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ୟାମ୍ପୋରୀରେ ଜିଲାର ୧୪ ବିଦ୍ୟାଳୟରୁ ୧୩୩ ଜଣ ସ୍କାଉଟ୍ ଓ ୧୬ ବିଦ୍ୟାଳୟରୁ ୨୩୩ ଜଣ ଗାଇଡ୍, ୧୪ ସ୍କାଉଟ ମାଷ୍ଟର ଓ ୧୬ ଗାଇଡ କ୍ୟାପଟେନ ଯୋଗଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ସଭାପତିତ୍ୱ କରିଥିଲେ । ଜାତୀୟ ଉପ-ସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରାଜ୍ୟ ପରିଚାଳନା କମିଶନର ଅନାମିକା ଦାସ ମୁଖ୍ୟବକ୍ତା, ଦଳପତି ତାଲିମ(ବୁଲବୁଲ୍) ଦିପ୍ତିମୟୀ ଲେଙ୍କା, ଜିଲା କମିଶନର ସ୍କାଉଟ, ବିଶ୍ୱମ୍ଭର ମିଶ୍ର, ଅବସରପ୍ରାପ୍ତ ଶିକ୍ଷାବିତ୍ ଆଲୋକ କୁମାର ବନ୍ଧ, ରବି ପ୍ରସାଦ ସାମଲ, ଜିଲା ସମ୍ପାଦକ ଭାରତ ସ୍କାଉଟ ଗାଇଡ ରାଜେଶ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ । ୨ୟ ଦିବସରେ ସ୍କାଉଟ୍ ଗାଇଡ୍‌ମାନଙ୍କଦ୍ୱାରା ଆୟୋଜିତ ଗ୍ରାମ୍ୟମେଳାକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କୃତିବାସ ବାରିକ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବ ଜିଲା ସମ୍ପାଦକ ଭାରତ ସ୍କାଉଟ ଗାଇଡ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ମୁଖ୍ୟ ଅତିଥି, ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ସ୍କାଉଟ୍ ଗାଇଡ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ୧୫ ତାରିଖ ଦିନ ପ୍ରାର୍ଥନା ସଭାକୁ କୁଳମଣି ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ସ୍କାଉଟ୍ ଗାଇଡଙ୍କ ଶାନ୍ତି ଶୋଭାଯାତ୍ରାକୁ ଯାଜପୁର ଭାରପ୍ରାପ୍ତ ଥାନା ଅଧିକାରୀ ଅଜୟ କୁମାର ଜେନା ଉଦ୍‌ଘାଟନ କରିଥିଲେ।

# କାଳିଆପାଣି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କାଳିଆପାଣି,୧୬।୨(ଡି.ଏନ.ଏ.)




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଓଡ଼ିଶା ଖଣି ନିଗମ ପରିଚାଳିତ କାଳିଆପାଣି ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଖେଳ ପଡିଆରେ ୨ ଦିନ ଧରି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନା ଅଧକ୍ଷତା କରିଥିଲେ । ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଦକ୍ଷିଣ କାଳିଆପାଣି ବରିଷ୍ଠ ଖଣି ପରିଚାଳକ ଇଂ. ଗଣେଶ୍ୱର ଭୂୟାଁ, ଓଆଇଏସ୍ଏଫର କମାଣ୍ଡାଣ୍ଟ ସ୍ୱଦେଶ କୁମାର ମହାନ୍ତି ,ଖଣି ନିଗମ ବରିଷ୍ଠ ଅଧିକାରୀ ପ୍ରଣୟ ପ୍ରଭଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟ ବଂଶୀ ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଦୁଇ ଦିନ ଧରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚାଲିଥିବା ବିଭିନ୍ନ ପ୍ରତିଯୋଗିତାକୁ ସ୍କୁଲ ପକ୍ଷରୁ ଯୁଧିଷ୍ଠିର ସାହୁ ,ଗଙ୍ଗାଧର ମିଞ୍ଜି, ଦେବଶ୍ରିତା ଲେଙ୍କା, ସୋନାଲି ମୁଦୁଲି, ଅନୁରୂପା କାନୁନଗୋ, ଚିନ୍ମୟୀ ଦାସ, ଅନୁରାଧା ମିଶ୍ର, ଶୁଭେନ୍ଦୁ ମହାନ୍ତ, ଈଶ୍ୱର ମହାନ୍ତ, ମଧୁସ୍ମିତା ପରିଡା, ସୌଭାଗ୍ୟ ନାୟକ, ଜିତେନ୍ଦ୍ର ଜେନା ଆଦି ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ । ଚଳିତ ବର୍ଷ ପାଇଁ ଗ୍ରୁପ ଏ -ବାଳକ ବିଭାଗରେ ସୁନୀଲ ଗାଗରାଇ, ବାଳିକା ବିଭାଗରେ ଟୁମା ରାଣୀ ସାମଲ, ଗ୍ରୁପ ବି-ରେ ଶୁଭମ ଟୁଡୁ, ରଶ୍ମି ରେଖା ମହାନ୍ତ ,ଗ୍ରୁପ ସି-ରେ ଅନୀଲ ମହାରଣା, ବନିତା ମୁଣ୍ଡା ଚଳିତବର୍ଷର ଚମ୍ପିୟାନ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ଖଣି ନିଗମ ଆଞ୍ଚଳିକ ପରିଚାଳକ ଇଂ. ଆଶିଷ କୁମାର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କାଳିଆପାଣି ଖଣି ପରିଚାଳକ ଇଂ. ମନୋଜ ସେଠୀ, ଶ୍ରମଶକ୍ତି ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।

# ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

କୋରେଇ,୧୬।୨(ଡି.ଏନ.ଏ.)




ଧାରଣାରେ ବସିଥିବା କୋରେଇ ସଂଗ୍ରାମ ସମିତିର କର୍ମକର୍ତ୍ତା ।

କୋରେଇ ସଂଗ୍ରାମ ସମିତି ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଗଣ ଧାରଣା ଦିଆଯାଇଥିଲା । ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ କୋରାଇ ହାଇସ୍କୁଲ, ନୋଡାଲ ଓ ସାଦକପୁର ୟୁପି ସ୍କୁଲର ଅବସ୍ଥା ଶୋଚନୀୟ ହୋଇପଡିଛି । ଶିକ୍ଷାନୀତି ଅନୁଯାୟୀ ଯେଉଁ ମିଶ୍ରଣ ହୋଇଛି ତାହାଦ୍ୱାରା ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସାଦକପୁର ସ୍କୁଲ ମିଶ୍ରଣ କମିଟିରେ କୋରାଇ ବିଡିଓ, ସିଡିପିଓ, ବ୍ୟାସନଗରର ଅତିରିକ୍ତ ତହସିଲଦାର ଆଦି ସଭ୍ୟ ଅଛନ୍ତି। ବିଦ୍ୟାଳୟର ଅବ୍ୟବସ୍ଥାକୁ ନେଇ ବହୁବାର କୋରେଇ ସଂଗ୍ରାମ ସମିତି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି କରିବା ସହିତ ଜିଲାପାଳଙ୍କ ଜରିଆରେ ରାଜ୍ୟସରକାରକୁ ଅବଗତ କରାଇବାକୁ ପତ୍ର ଲେଖିଥିଲେ । ହେଲେ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏହାକୁ ବିରୋଧ କରି କୋରାଇ ସଂଗ୍ରାମ ସମିତି କ୍ଷୋଭ ପ୍ରକାଶ କରିବା ସହ ଗୁରୁବାର ବ୍ଲକଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଲୋକ ମହାନ୍ତିଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଏହି ସଭାରେ ସଂଗ୍ରାମସମିତିର ସଭାପତି ବିଦ୍ୟାଧର ମହାନ୍ତି, ସାଦକପୁର ଆବାହକ ସେକ କମାଲୁଦ୍ଦିନ, ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ବ୍ରଜକିଶୋର ପଟ୍ଟନାୟକ, ପୀତାମ୍ବର ନନ୍ଦ, ଜାକିର ହଜାରୀ, ପଦ୍ମଲୋଚନ ମହାନ୍ତି, ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ବେହେରା, ନୱେଜ ଇକବାଲ୍, ସେକ ଲାଲା, ସେକ ବୁଟୁ, ସୁଧୀର ସେଠୀ, ପ୍ରମୁଖ ଅଭିଭାଷଣ ରଖିଥିଲେ । ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ୩ଦିନ ପରେ ଆମରଣ ଅନଶନ କରାଯିବ ବୋଲି ଆବାହକ କମାଲଲୁଦ୍ଦିନ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ରାତିରେ ୫ ବଖରା ଜଳିଗଲା

ରାଜନଗର, ୧୬।୨(ଡି.ଏନ୍.ଏ.)

ବୁଧବାର ରାତି ପ୍ରାୟ ସାଢେ ୧୨ଟାରେ ହଠାତ୍ ଘର ଭିତରେ ଶୋଇଥିବା ଖଟ ନିକଟରେ ନିଆଁହୁଳା ଖସିଥିଲା। ପରିବାର ଲୋକେ କିଛି ବୁଝିବା ପୂର୍ବରୁ ଘରକୁ ନିଆଁ କବଳିତ କରିସାରିଥିଲା। ୩ ଭାଇଙ୍କ ୧୦ଜଣ ପରିବାର ସଦସ୍ୟ ହୁଡ୍‌ହୁଡ୍ ହୋଇ ଜଳୁଥିବା ଘର ଭିତରୁ ଜୀବନ ବଞ୍ଚାଇ ବାହାରକୁ ଚାଲି ଆସିଥିଲେ। ୩ ପରିବାରର ଜୀବନ ସିନା ବଞ୍ଚିଗଲା, କିନ୍ତୁ ତାଙ୍କର ସ୍ୱପ୍ନ ଓ ସବୁକିଛି ପୋଡି ପାଉଁଶ ହୋଇଗଲା। ୩ ପରିବାର ସଦସ୍ୟଙ୍କ ଚିତ୍କାର ଶୁଣି ଗାଁ ଲୋକେ ନିଦରୁ ଉଠି ନିଆଁ ଜଳୁଥିବା ଘର ନିକଟରେ ପହଞ୍ଚି ଥିଲେ ମଧ୍ୟ ନିଆଁ କବଳରୁ କିଛି ବି ସାମଗ୍ରୀ ଉଦ୍ଧାର କରି ପାରି ନ ଥିଲେ। ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ଅମଳାପାଇ ଗାଁର ଦିଲୀପ ଦାସ, ସନ୍ତୋଷ ଦାସ ଓ ପ୍ରଭାତ ଦାସ ପ୍ରମୁଖ ୩ ଭାଇଙ୍କ ୫ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପିନ୍ଧାଲୁଗା ବ୍ୟତୀତ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନାହିଁ। ଏପରି କି ଘରେ ଥିବା ପ୍ରାୟ ୩୦ କୁଇଣ୍ଟାଲ ଧାନ ପୋଡି ପାଉଁଶ ହୋଇଯାଇଛି। ୩ ପରିବାରର ୧୦ଜଣ ସଦସ୍ୟ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅର୍ଦ୍ଧ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିବାରୁ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରି ନ ଥିଲା।

# ଗହୀରମଥା ଅଞ୍ଚଳରେ ନୀଳରକ୍ତ କଙ୍କଡ଼ାଙ୍କ ମିଳନ

- ଟ୍ରଲରର ଗାଞ୍ଜି ଜାଲରେ ପଡ଼ି ଜୀବନ ଯାଉଛି
- ଜାତୀୟ, ଅନ୍ତର୍ଜାତୀୟ ବଜାରରେ ନୀଳରକ୍ତ ଲିଟର ମୂଲ୍ୟ ୧୧ ଲକ୍ଷ
- ରୋଗ ନିଦାନରେ ରକ୍ତ ପ୍ରମୁଖ ଭୂମିକା ନିଭାଇଥାଏ

ମହାକାଳପଡ଼ା, ୧୬।୨(ଡି.ଏନ୍.ଏ.)

ସାମୁଦ୍ରିକ ବିରଳ ଜୀବ ମଧ୍ୟରେ ହର୍ସସୁ କ୍ରାବ୍ ବା ଅଶ୍ୱଖୁରା କୃତି କଙ୍କଡ଼ାକୁ ବୈଜ୍ଞାନିକ ମତରେ ନୀଳ ରକ୍ତ କଙ୍କଡା କୁହାଯାଏ। ବିଶେଷକରି ଏହି ନୀଳରକ୍ତ କଙ୍କଡା ସାଧାରଣତଃ ପ୍ରଶାନ୍ତ ମହାସାଗର ଓ ବଙ୍ଗୋପସାଗରର ଓଡ଼ିଶା ଉପକୂଳକୁ ସୁରକ୍ଷିତ ମଣି ବସବାସ କରନ୍ତି। ଏହି ପ୍ରଜାତିର କଙ୍କଡାଗୁଡିକ ଜାନୁୟାରୀରୁ ମାର୍ଚ୍ଚ ମାସ ମଧ୍ୟରେ ମିଳନ ପର୍ବ ହୋଇଥାଏ। ସେମାନଙ୍କ ପ୍ରଜନନ ଋତୁ ଆରମ୍ଭ ହେଲା ମାତ୍ରେ ଗଭୀର ସମୁଦ୍ରରୁ କୂଳ ଅଭିମୁଖେ ଆସିଥାନ୍ତି। ଦୋରସା ବାଲିଆ ସନ୍ତସନ୍ତିଆ ସ୍ଥାନରେ ଯୋଡ଼ା ଯୋଡ଼ା ହୋଇ ପଡିଥିବା ଲକ୍ଷ୍ୟ କରାଯାଏ। ସାଧାରଣତଃ ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ ମିଳନ ହୋଇଥାଏ। ଏହି ବିରଳ ପ୍ରଜାତିର ନୀଳରକ୍ତ ଅଣ୍ଡିରା କଙ୍କଡା ଛୋଟ ହୋଇଥିବା ବେଳେ ମାଈ କଙ୍କଡା ବଡ଼ ହୋଇଥାଏ। ସମୁଦ୍ର ସଂଲଗ୍ନ ମହାନଦୀ ଅବବାହିକା ତ୍ରିକୋଣ ଭୂମି ବାଲିଚର ହୁକିଟୋଲା, ଲଞ୍ଜଘୋଲା ଓ ବିକନ୍ ପଏଣ୍ଟଠାରେ ବହୁଳ ଭାବେ ନୀଳରକ୍ତ କଙ୍କଡା ଦେଖିବାକୁ ମିଳିଥାନ୍ତି। ହେଲେ ମିଳନ ପ୍ରକ୍ରିୟା ପୂର୍ବରୁ ସମୁଦ୍ରରେ ଟ୍ରଲରର ଗାଞ୍ଜି ଜାଲରେ ପଡ଼ି ଏମାନଙ୍କର ଅକାଳରେ ଜୀବନ ଯାଉଛି। ନୀଳରକ୍ତ କଙ୍କଡା ଶତ୍ରୁ ଦେଖିଲେ ତା'ର ଲାଞ୍ଜରେ ଥିବା ମୁନିଆ କଣ୍ଟାରେ ଆକ୍ରମଣ କରିଥାଏ। ଆକ୍ରମଣ ଦ୍ୱାରା ବିଷାକ୍ତ ତରଳ ପଦାର୍ଥ ମଣିଷ ଶରୀରକୁ ଯିବା ଦ୍ୱାରା ବିଷ ଜ୍ୱାଳା ପ୍ରବଳ ହୋଇଥାଏ।

ନୀଳ ରକ୍ତ କଙ୍କଡା ଜୈବ ବିବିଧତା, ସାମୁଦ୍ରିକ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ତେଣୁ ଏମାନଙ୍କୁ ଲିଭିଂ ଫସିଲ ୪ର୍ଥ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି କଙ୍କଡା ରକ୍ତରେ ଆଇରନ ବଦଳରେ କପର ବା ତମ୍ବା ସହ ହେମସିଆନିନ୍ ନାମକ ରାସାୟନିକ ପଦାର୍ଥ ଥିବାରୁ ଏମାନଙ୍କ ରକ୍ତ ନୀଳ ହୋଇଥାଏ। ତେଣୁ ଏମାନଙ୍କୁ ନୀଳ ରକ୍ତ କଙ୍କଡା କୁହାଯାଏ। ଏହି କଙ୍କଡା ରକ୍ତରେ ଥିବା ରୋଗ ନିଦାନ ଚିହ୍ନଟରେ ସହାୟକ ହୋଇଥାଏ। ଏମାନଙ୍କ ରକ୍ତରେ ବହୁ ଔଷଧ ତିଆରି ହୋଇଥାଏ। ବିଦେଶରେ ରକ୍ତର ଲିଟର ପିଛା ମୂଲ୍ୟ ୧୧ ଲକ୍ଷ ଟଙ୍କା ରହିଛି।

ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମାହାଳି କୁହନ୍ତି, ଏହି ବିରଳ ପ୍ରଜାତିର ନୀଳରକ୍ତ କଙ୍କଡାଗୁଡ଼ିକର ସୁରକ୍ଷା ସଂରକ୍ଷଣ ଜରୁରୀ ହୋଇପଡ଼ିଛି। ଏହାର ସୁରକ୍ଷା ପାଇଁ ପ୍ରଶାସନିକ ସ୍ତରରେ ପ୍ରୟାସ ଆରମ୍ଭ କରିଛୁ। ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ଲିଫଲେଟ୍ ମାଧ୍ୟମରେ ସଚେତନ କରାଯାଉଛି ବୋଲି ସେ କହିଛନ୍ତି। ବୁଦ୍ଧିଜୀବୀ ସୁଭାସ ସ୍ୱାଇଁ କୁହନ୍ତି, ସପ୍ତରି-ଅଶୀ ଦଶକ ପୂର୍ବରୁ ନୀଳରକ୍ତ କଙ୍କଡାଗୁଡ଼ିକ ବହୁଳ ଭାବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଦେଖାଯାଉଥିଲେ। ୧୯୭୧, ୧୯୮୨, ୧୯୯୯ ଭଳି ମହାବାତ୍ୟା, ଜଳବାୟୁ ପରିବର୍ତ୍ତନ ଓ କଳ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ସମୁଦ୍ର ଜଳରେ ମିଶିବା ଦ୍ୱାରା ଏମାନଙ୍କ ଜୀବନ ଶୈଳୀରେ ବିଘ୍ନ ଘଟୁଛି। ଫଳରେ ଏମାନଙ୍କ ବଂଶ ବିପଦ ଆଡ଼କୁ ଠେଲି ହୋଇଯାଉଛି। ସରକାରୀ, ବେସରକାରୀ ଓ ସ୍ଥାନୀୟ ବନ ବିଭାଗ ଏହି କଙ୍କଡ଼ାଙ୍କ ସୁରକ୍ଷା ଲାଗି ସଚେତନତା ସୃଷ୍ଟି କରିବା ଦରକାର। ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ମାନସ କୁମାର ଦାସଙ୍କୁ ପଚାରିବାରେ ଏହି ବିରଳପ୍ରଜାତିର ନୀଳରକ୍ତ କଙ୍କଡ଼ାଙ୍କ ରକ୍ତରେ ଔଷଧୀୟ ଗୁଣ ରହିଥିବାରୁ ବହୁ ମୂଲ୍ୟବାନ। ଗହୀରମଥା ଅଞ୍ଚଳରେ ଏମାନଙ୍କ ସଂଖ୍ୟା ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ। ବନ ବିଭାଗ ଏମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ସାମାଜିକ କର୍ମୀ, ବୁଦ୍ଧିଜୀବୀ, ପରିବେଶପ୍ରେମୀମାନେ ପକ୍ଷରୁ ଦାବି ଜୋର୍ ଧରିଛି।



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମହାନଦୀ ତ୍ରିକୋଣ ଭୂମି ବାଲିଚରରେ ନୀଳରକ୍ତ କଙ୍କଡାଙ୍କ ମିଳନ ପ୍ରକ୍ରିୟା।



ଜାଲରେ ଛନ୍ଦି ହୋଇ ମରିପଡ଼ିଥିବା ନୀଳରକ୍ତ କଙ୍କଡ଼ା।

### ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: କଟକ ବିଜୟୀ

ପାରାଦୀପ, ୧୬।୨(ସ୍ୱ.ପ୍ର.)- ପାରାଦୀପ ମଧୁବନ ଏନ୍ଏସି ଗ୍ରାଉଣ୍ଡରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଖେଳରେ ବିଡ଼ାନାସୀ କଟକ ବିଜୟୀ ହୋଇଛି। ଡାଇମଣ୍ଡ ପାରାଦୀପ ଓ କଟକ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଡାଇମଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ କଟକ ୨୪.୫ ଓଭରରେ ୭ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। କଟକର ଖେଳାଳି ପାନକଲା ମୌଖିତ୍ ୭୪ ରନ କରି ମ୍ୟାଚ ଜିତାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମିଳିଥିଲା। ଅତିଥି କ୍ଷୀତିଶ ପାତ୍ର ଏହି ପୁରସ୍କାର ପ୍ରଦାନ କରିଥିଲେ।

# ମିଳିଲା ଶାସକଦଳର ସମର୍ଥନ, ୨୭କୁ ଅପେକ୍ଷା

କେନ୍ଦ୍ରାପଡ଼ା ଅଫିସ, ୧୬।୨

କେନ୍ଦ୍ରାପଡ଼ା ସହରର ଖଡିଅଙ୍ଗସ୍ଥ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମିରେ ସିଟି ହସ୍ପିଟାଲ ପାଇଁ ପ୍ରାୟ ଦେଢ଼ମାସ ଧରି ଆନ୍ଦୋଳନ ଚାଲିଛି। ଏଥିରେ ଶାସକ ଦଳ ସାମିଲ ହୋଇ ନ ଥିବା ବେଳେ ରାଜ୍ୟର ଅନ୍ୟ ରାଜନୈତିକ ଦଳ ଓ ସଙ୍ଗଠନ ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତେବେ ମୁହଁଛପା ଦେଉଥିବା ଶାସକ ଦଳର ନେତାମାନେ ଚାଉଳ ରାଜନୀତି ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଆନ୍ଦୋଳନକାରୀଙ୍କ ଦାବିକୁ ସମର୍ଥନ କରିବାକୁ ଗୁରୁବାର ଏକ ପ୍ରକାର ବାଧ୍ୟ ହୋଇଛନ୍ତି। ଆନ୍ଦୋଳନକାରୀଙ୍କ ପ୍ରତିବାଦ ସଭାରେ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ କରିବା ସହ ସ୍ଥାନୀୟ ବିଧାୟକଙ୍କ ଉଦ୍ୟମ ସମ୍ପର୍କରେ ପ୍ରକାଶ କରିଛନ୍ତି। ଏଥିସହ ଆସନ୍ତା ୨୭ ତାରିଖ ସୁଦ୍ଧା ସିଟି ହସ୍ପିଟାଲ ସ୍ଥାପନ ଘୋଷଣା ନେଇ ନିଷ୍ପତ୍ତି ସମ୍ଭାବନା ଥିବା ପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା ସ୍ଥାନ ଖଡିଅଙ୍ଗରୁ ସହର ନିକଟ ଶାମଗୁଡିଆକୁ ଜାନୁୟାରୀ ୯ରେ ସ୍ଥାନାନ୍ତର ହୋଇଥିଲା। ପୁରୁଣା ଭିତ୍ତିଭୂମି ଉପରେ ସିଟି ହସ୍ପିଟାଲ ଦାବି କରି କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ସହ ଜାନୁୟାରୀ ୧୭ରେ କେନ୍ଦ୍ରାପଡ଼ା ବନ୍ଦ କରିଥିଲା। ସେହିପରି ଜାନୁୟାରୀ ୨୪ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ଆରମ୍ଭ ସହ ସଚେତନତା ରାଲି ଓ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ସମୟ ଅବଧି ମଧ୍ୟରେ ଶାସକ ଦଳର କୌଣସି ନେତା ଏହାକୁ ପ୍ରତ୍ୟକ୍ଷ ସମର୍ଥନ ଯୋଗାଇ ନ ଥିଲେ। ତେବେ ପୂର୍ବାହ୍ନରେ କେନ୍ଦ୍ର ସରକାରଙ୍କ ରାଶନ ଚାଉଳ କାଟ୍‌କୁ ବିରୋଧ କରି ବିଜେଡି ଜିଲା ସଭାପତି ଉତ୍କଳ ପରିଡାଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ଆନ୍ଦୋଳନରତ ସହରର ମହିଳାମାନେ ଏହି ନେତାମାନଙ୍କୁ ଦାବି ସମ୍ପର୍କରେ ସ୍ପଷ୍ଟୀକରଣ ମାଗିଥିଲେ। ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ପରିଡା ଆନ୍ଦୋଳନକାରୀଙ୍କ ସଭାରେ ଯୋଗ ଦେଇ କହିଛନ୍ତି, ସିଟି ହସ୍ପିଟାଲ ଦାବି ଆନ୍ଦୋଳନର ଯଥାର୍ଥତା ଅଛି। ସହରର ଗୋଟିଏ ମୁଣ୍ଡରୁ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟର ଦୂରତା ପ୍ରାୟ ୮ କିଲୋମିଟର ରହୁଛି। ଫଳରେ ସହରବାସୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇ ପାରୁନାହାନ୍ତି। ଏହାବ୍ୟତୀତ ପୁରୁଣା ଚିକିତ୍ସାଳୟ ନିକଟରେ ବହୁ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ଯାଇଥିଲା।

### ସହରରେ ସିଟି ହସ୍ପିଟାଲ ସ୍ଥାପନ ଆନ୍ଦୋଳନ

ସ୍ଥାନାନ୍ତର ପରେ ଏହି ସ୍ଥାନରେ ବ୍ୟବସାୟ ଆଶାନୁରୂପକ ହେଉନାହିଁ। ଏହି ସମସ୍ୟାକୁ ଦୂର କରିବାକୁ ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେହିପରି ବିଧାନସଭାରେ ଏ ନେଇ ଆସନ୍ତା ୨୭ ତାରିଖରେ ଆଲୋଚନା ହେବାକୁ ଅଛି ବୋଲି ମତ ଦେଇଥିଲେ। ଅପରପକ୍ଷରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ହେମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗଣବିକ୍ଷୋଭର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର କର୍ମକର୍ତ୍ତାମାନେ ବକ୍ତବ୍ୟ ରଖି ସିଟି ହସ୍ପିଟାଲ ସ୍ଥାପନ ଘୋଷଣା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମତ ରଖିଥିଲେ।



ଭୁବନେଶ୍ୱର ଖାରବେଳ ନଗର ୟୁନିଟ୍-୩ସ୍ଥିତ କ୍ୱାର୍ଟର୍ସ ନଂ. ଭିଆଇଆଇ ଆର୍-୧ ଠାରେ ଗୁରୁବାର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ମାତା ନିର୍ମଳାପ୍ରଭା ଦେବୀଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

### କ୍ରିକେଟ: ନଳଦିଆ ଚାମ୍ପିୟନ

ଆଳି, ୧୬।୨(ଡି.ଏନ.ଏ.)

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର ଗୋପ-ପଦନପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩ୟ ରିଆସତ ଖାଁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଗୁରୁବାର କଳାପାହାଡ଼ କ୍ରିକେଟ ଟିମ୍ ଓ ନଳଦିଆ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଳାପାହାଡ଼ ଟିମ୍ ୧୦ ଓଭରରେ ୨ ଉଇକେଟ ହରାଇ ୧୭୨ ରନ କରିଥିଲା। ଜବାବରେ ନଳଦିଆ ୧୦ ଓଭରରେ ୨ ଉଇକେଟରେ ୧୭୭ ରନ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରବାଟି ବିଧାୟକ ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଅତିଥି ଭାବେ ସତ୍ୟପ୍ରିୟ ସାମଲ, ସେକ ସୁପାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଚାମ୍ପିୟନ ଟିମ୍ ନଳଦିଆକୁ ଟ୍ରଫି ଓ ରନର୍ସଅପ ଟିମ୍ କଳାପାହାଡ଼ ଟିମ୍‌କୁ ପ୍ରଦାନ କରିଥିଲେ।

### ବିଦ୍ୟାଳୟ ହେଉଛି ଶିକ୍ଷା, ଆବେଗର ବଗିଚା



ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଆଳି, ୧୬।୨(ଡି.ଏନ.ଏ.)

ଜାତି ଜାତି ଫୁଲ ବଗିଚାରେ ଫୁଟେ। ତା'ର ରଙ୍ଗ ଏବଂ ବାସନା ସମସ୍ତଙ୍କୁ ଆକର୍ଷଣ କରିବା ସହ ମନ ଜିଣେ। ସେଥିପାଇଁ ପାଇଁ ଲୋକମାନେ ବଗିଚା ପ୍ରତି ଆକର୍ଷିତ ହୁଅନ୍ତି। ବିଦ୍ୟାଳୟରେ ସେହିପରି ନାନା ଶିକ୍ଷା ଦିଆଯାଏ। ଏହା ମଣିଷକୁ ଶିକ୍ଷିତ କରେ ଏବଂ ବ୍ୟବହାରକୁ ମାର୍ଜିତ ତଥା ଭାବକୁ ସରଳ ଶାଣିତ କରେ। ତେଣୁ ବିଦ୍ୟାଳୟ ହେଉଛି ଶିକ୍ଷା ଏବଂ ଭାବର ବଗିଚା। ବୁଧବାର ସନ୍ଧ୍ୟାରେ ଆଳି ବ୍ଲକ କଳସପୁର ପଞ୍ଚାୟତରେ ଥିବା ଲକ୍ଷ୍ମୀବରାହ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ଯୋଗ ଦେଇ ଅତିଥିମାନେ ଏଭଳି ମତପୋଷଣ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶଲ୍ୟ ଚିକିତ୍ସକ ଡା. ଧରଣୀଧର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କଥାକାର ତଥା କେନ୍ଦ୍ରାପଡ଼ା ସ୍ଥିତ ପି. ଏନ. ଏସ୍ ଇଞ୍ଜିନିୟରିଂ କଲେଜର ଅଧକ୍ଷ ଇଂ. ଜ୍ଞାନରଞ୍ଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଜନା ବୋର୍ଡ଼ର ସଦସ୍ୟ ଭୀଷ୍ମ ମହାନ୍ତି ଓ କଳସପୁର ପଞ୍ଚାୟତର ସରପଞ୍ଚ ସୁଧୀର ଚନ୍ଦ୍ର ମଳିକ ଯୋଗଦେଇ ନିଜର ଅଭିଭାଷଣରେ ଉପରୋକ୍ତ ମତ ରଖିଥିଲେ। ସେମନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ, ଗୀତ ଏବଂ ଅଭିନୟ ଉପସ୍ଥିତ ଜନସାଧାରଣଙ୍କ ମନ ଜିଣି ନେଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ଧଳ, ପୂର୍ବତନ ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ରନାଥ ଦାସ, ଶିକ୍ଷକ ପୁରୁଷୋତ୍ତମ ବେହେରା କାର୍ଯ୍ୟକ୍ରମ ପରିଚାଳନା କରଥିଲେ। ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଅମୂଲ୍ୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରଣୀଧର ବେହେରା, ଚୈତନ୍ୟ ଚରଣ ଦାସ, ସରୋଜ କୁମାର ଦାସ, ନିରଞ୍ଜନ ଧଳ, ଗୋଲକ ଚନ୍ଦ୍ର ଦାସ, କଳ୍ପତରୁ ଦାସ ଏବଂ କ୍ଷୀରୋଦ ଚନ୍ଦ୍ର ପଲାଇ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ।

# କ୍ରୀଡ଼ା ଶିକ୍ଷାର୍ଥୀଙ୍କ ମନୋବଳ ବୃଦ୍ଧି କରେ



ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବରେ ଉପସ୍ଥିତ ଅତିଥି।

କେନ୍ଦ୍ରାପଡା ଅଫିସ, ୧୬।୨

ଆବଶ୍ୟକ ଶିକ୍ଷା ପରିବେଶ ସୁସ୍ଥ କରିପାରେ। ସୁସ୍ଥ ସମାଜ ଗଠନରେ ସହାୟତା କରେ। ତେବେ କ୍ରୀଡା ଶିକ୍ଷା ଶିକ୍ଷାର୍ଥୀଙ୍କୁ ଶାରୀରିକ ସୁସ୍ଥ ରଖିବା ସହିତ ମନୋବଳକୁ ଦୃଢ଼ କରେ ବୋଲି ସହରର ଜୟୀପୁରା ପ୍ରାଥମିକ ବିଦ୍ୟାଳୟର ଅଷ୍ଟାଦଶ ବାର୍ଷିକ କ୍ରୀଡା ଉତ୍ସବରେ ପୌରାଧ୍ୟକ୍ଷା ସରିତା ସାହୁ ଗୁରୁବାର ମତ ରଖିଛନ୍ତି। ବିଦ୍ୟାଳୟର କ୍ରୀଡା ଉତ୍ସବକୁ ପୂର୍ବାହ୍ନରେ ଏବିଇଓ ଅଞ୍ଜନା ସ୍ୱାଇଁ ଓ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପରିଡା ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୌରାଧକ୍ଷା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଶୃଙ୍ଖଳିତ ଜୀବନ ଶିକ୍ଷାର୍ଥୀଙ୍କ ପାଇଁ ଏକାନ୍ତ ଆବଶ୍ୟକ। ଏହାକୁ କେବଳ ବିଦ୍ୟାଳୟ ପରିସର ମଧ୍ୟରେ ସୀମିତ ନ ରଖି ବାହାର ଦୁନିଆରେ ପ୍ରଦର୍ଶନ କରନ୍ତୁ। ଶିକ୍ଷାର୍ଥୀ ଜୀବନର ପ୍ରାରମ୍ଭରେ ସ୍କୁଲ ଶିକ୍ଷକଙ୍କ ସହ ଅଭିଭାବକ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ।ପୁସ୍ତକ ମାଧ୍ୟମରେ ଶିକ୍ଷା ଆମକୁ ପୃଥିବୀ ସମ୍ପର୍କରେ ପରିଚିତ କରାଉଥିବା ବେଳେ ଶାରୀରିକ ଶିକ୍ଷା ଆମ ସୁସ୍ଥ ଜୀବନ ପାଇଁ ଖୁବ୍ ଜରୁରୀ ବୋଲି ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ବୁଝାଇ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଇଓ ପାବନି କୁମାର ରାଉତ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ମହାଙ୍ଗା ବିଡିଓ ନିହାର ମଲ୍ଲିକ, ଶିକ୍ଷାବିତ୍ ଭାଗିରଥୀ ନନ୍ଦ, ବିଆରସିସି ପ୍ରଫୁଲ୍ଲ କୁମାର ସ୍ୱାଇଁ, ରାଧାନାଥ ମିଶ୍ର, ପରିଚାଳନା କମିଟି ସଭାପତି ଅଶୋକ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳର କୃତୀ ଶିକ୍ଷାର୍ଥୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନଫିସା ବେଗମ, ରେଣୁବାଳା ସ୍ୱାଇଁଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ଚାଉଳ କାଟକୁ ଭାଜପା ବିରୋଧରେ ଅସ୍ତ୍ର କଲା ବିଜେଡି

କେନ୍ଦ୍ରାପଡ଼ା ଅଫିସ, ୧୬।୨

ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ଚାଉଳ ଯୋଗାଣ କାଟ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମୁଣ୍ଡ ପିଛା ୫ କେଜି ଚାଉଳ କଟା ଯାଇଥିବା ନେଇ କେନ୍ଦ୍ର ସରକାରଙ୍କ ଶାସକ ଦଳ ଭାଜପା ଉପରେ ବିଜେଡି ବର୍ଷିଛି। ଏ ନେଇ ଜିଲାପାଳ ଓ ଜିଲାର ବିଭିନ୍ନ ବ୍ଲକର ବିଡିଓଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଗୁରୁବାର ଦିଆଯାଇଛି। ଏଥିସହ ସ୍ଥାନୀୟ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଗତ ରାଶନ ସାମଗ୍ରୀ କାଟକୁ ନେଇ ପ୍ରତିବାଦ ସଭା ହୋଇଯାଇଛି। ବିଜେଡି ଜିଲା ସଭାପତି ଉତ୍କଳ କେଶରୀ ପରିଡାଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକ ପତ୍ରକୁ ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଜିଲା ସଭାପତି ପରିଡା କହିଛନ୍ତି, କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତି ଲୋକ ପିଛା ୧୦ କେଜି ଚାଉଳ ଅଥବା ଗହମ ଯୋଗାଣ କରୁଥିଲେ। ତେବେ କିଛିଦିନ ପୂର୍ବରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଭାବେ ନାମିତ କରି ୫ କେଜି ଲେଖାଏ ସାମଗ୍ରୀ ଯୋଗାଣକୁ ବନ୍ଦ କରି ଦେଇଛନ୍ତି। ରାଜ୍ୟରେ ପ୍ରାୟ ୩.୨୫ କୋଟି ଏହି ଯୋଜନାରେ ସାମିଲ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ପ୍ରାୟ ୮୪ ପ୍ରତିଶତ ଉପଭୋକ୍ତା ଅଛନ୍ତି। ଗରିବଙ୍କ ଅନ୍ନକୁ ଅଧା କରିବା ପରେ ଭାଜପା ସରକାରଙ୍କ ମୁଖା ସାଧାରଣ ଜନତା ନିକଟରେ ଖୋଲି ଯାଇଛି। କେନ୍ଦ୍ର ସରକାରଙ୍କ ଏହି ଜନ ବିରୋଧୀ ପଦକ୍ଷେପକୁ ବିରୋଧ କରି ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସ୍ମାରକ ପତ୍ର ପ୍ରଦାନ ସହ ଜିଲାରେ ପ୍ରତିବାଦ ସଭା ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଫଇସଲା ସହ ବିଭିନ୍ନ ସମୟରେ ଯୋଜନା ବାବଦ ଅର୍ଥ କମାଉଥିବା ନେଇ ଜିଲା ସଭାପତି ପରିଡା ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ପ୍ରତିବାଦ ସଭାରେ ନେତା ଓ କର୍ମୀମାନେ।

ସେହିପରି ଜିଲାର ଅନ୍ୟ ବ୍ଲକ ସମ୍ମୁଖରେ ଚାଉଳ କମ୍ ଯୋଗାଣକୁ ନେଇ ବିଜେଡି ପକ୍ଷରୁ ସାରକ ପତ୍ର ଦିଆଯାଇଛି। ରାଜନଗରରେ ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସମୀର କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଗରଦପୁରଠାରେ ପ୍ରତିବାଦ ସଭାରେ ବ୍ଲକ ବିଜେଡି ସଭାପତି ଶଶାଙ୍କ ଶେଖର ପରିଡାଙ୍କ ସଭାପତିତ୍ୱରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ପାଣି, ମଞ୍ଜୁଲତା ଜେନା, ଶୁଭସ୍ମିତା ଲେଙ୍କା, ହେମନ୍ତ ସେଠୀ, ଭଜହରି ସେନାପତି ପ୍ରମୁଖ ଏଥିରେ ସାମିଲ ହୋଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଧର୍ମ ରଞ୍ଜନ ପଣ୍ଡା ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଡେରାବିଶଠାରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବ୍ଲକ ବିଜେଡି ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ ସାମଲ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଓ ଅରବିନ୍ଦ ମଲିକ, ମହିଳା ବିଜେଡି ବ୍ଲକ ସଭାନେତ୍ରୀ ତୃପ୍ତିମୟୀ କର, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଡିଓ ଦାସରଥି ଜେନାଙ୍କୁ ରାଜ୍ୟପାଳଙ୍କ ଉଦ୍ଦ୍ୟେରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସେହିପରି ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ପରିଷଦର ସଦସ୍ୟ ଭୀଷ୍ମ ମହାନ୍ତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ଜିଲା ପରିଷଦ ସଦସ୍ୟ ଜୟରାମ ସାହୁ, ଯୁବନେତା ପୁରୁଷୋତ୍ତମ ପଲାଇ ଯୋଗ ଦେଇଥିଲେ। ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ସାମଲ ସାମିଲ ହୋଇଥିଲେ। ସେମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ମୁଣ୍ଡିଆ ହନୁମାନ ପୀଠରେ ଶ୍ରୀରାମ ଚରିତ ମାନସ ପାରାୟଣ

**ଖଣ୍ଡପଡ଼ା,୧୬।୨(ସ୍ୱ.ପ୍ର):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ରରେ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ୯ ଦିନ ବ୍ୟାପୀ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ତଥା ୯ମ ବାର୍ଷିକ ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଯାଇଛି। ପ୍ରଥମ ଦିବସରେ ସମ୍ପୃକ୍ତ ଗ୍ରାମର ଶତାଧିକ ମହିଳାପୁରୁଷ ନିକଟସ୍ଥ ରଥିଆବନ୍ଧଠାରୁ ହନୁମାନ ଜୀଉଙ୍କ ଫଟୋ ଚିତ୍ରକୁ ଧରି ଏକ ୧୦୮ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପାହାଡ଼ ଉପରେ ବିରାଜିତ ମୁଣ୍ଡିଆ ହନୁମାନ ପୀଠକୁ ଆସିଥିଲେ। ପରେ ହନୁମାନ ଚାଳିସା, ଅଙ୍କୁରା ରୋପଣ ଓ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୀଠରେ ପ୍ରବଚକମାନଙ୍କ ଦ୍ୱାରା ଶ୍ରୀରାମଙ୍କ କଥାବସ୍ତୁ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞର ପୁରୋଧା ଭାବେ ଗୋବର୍ଦ୍ଧନ ଷଡଙ୍ଗୀ ଓ ବ୍ୟାସ ଭାବେ ଶ୍ୟାମ ସୁନ୍ଦର ଦାସମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମର୍ଦ୍ଦରାଜପୁର, ଚାଉପଲ୍ଲୀ, ହରିଚନ୍ଦନପୁର ଓ ଗିରିଡିପାଟଣା ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବକ୍ତା ପଣ୍ଡିତ ସୁଦର୍ଶନ ତ୍ରିପାଠୀଙ୍କ ଦ୍ୱାରା ଶ୍ରୀରାମ ନାମ ମହାତ୍ମ୍ୟ, ସତୀ ମୋହ ଓ ଶିବ ବିବାହ ପ୍ରସଙ୍ଗ, ଶ୍ରୀରାମ ଜନ୍ମ ଓ ବାଲ୍ୟ ଲୀଳା ପରିବେଶିତ ହୋଇଥିଲା। ପଣ୍ଡିତ ଶୁକଦେବ ପଣ୍ଡାଙ୍କ ଦ୍ୱାରା ସୀତା ବିବାହ, ପର୍ଶୁରାମ ଭେଟ, ମନ୍ଥରା ପ୍ରସଙ୍ଗ, ବନ ଗମନ ଓ କୈବର୍ତ୍ତ ପ୍ରସଙ୍ଗ ଏବଂ ପଣ୍ଡିତ ସୁଦାମ ଚରଣ ଦାସଙ୍କ ଦ୍ୱାରା ଭରତ ମିଳନ, ସୀତା ଚୋରି, ଶବରୀ ପ୍ରସଙ୍ଗ, ବାଳି ବଧ ଓ ଲଙ୍କା ପୋଡି ଏବଂ ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ପଣ୍ଡିତ ବସନ୍ତ ବିଶୋଇଙ୍କ ଦ୍ୱାରା ଲକ୍ଷ୍ମଣଙ୍କ ଶକ୍ତିଭେଦ, ରାବଣ ବଧ, ରାମାଭିଷେକ, କାକଭୂଷଣ୍ଡି ଚରିତ ଓ ଜ୍ଞାନ ଭକ୍ତି ବର୍ଣ୍ଣନା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଦର୍ଶନ ସହ ରାବଣ ପୋଡି ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ହିଞ୍ଜିଳିକାଟୁରେ ବିଜେଡିର ବିକ୍ଷୋଭ

ହିଞ୍ଜିଳିକାଟୁ,୧୬।୨(ଡି.ଏନ.ଏ)- ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳ ବିଜେଡ଼ି ପକ୍ଷରୁ ବିକ୍ଷୋଭ କରାଯାଇଛି। ନଗର ସଭାପତି ଭୀମସେନ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଡାକ ବଙ୍ଗଳାଠାରୁ ରାଲିରେ ବାହାରି ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହ ବିଡ଼ିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ପୌର ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ, ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ।

# ମ୍ୟୁନିସିପାଲିଟିରେ ଦଳୀୟ କାର୍ଯ୍ୟକ୍ରମକୁ ବିରୋଧ



ଦଳୀୟ ଚିହ୍ନ ଥାଇ ବିଜେଡିର ଖବରଦାତା ସମ୍ମିଳନୀ।



ଜିଲାପାଳଙ୍କୁ ଭାଜପାର ଫେରାଦ।

- କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଫେରାଦ
- ଭାଜପା ୪୮ ଘଣ୍ଟା ମହଲତ ଦେଲା
- ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ନୟାଗଡ ଅଫିସ,୧୬**

ବିଜେଡି ବ୍ୟାନରରେ ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ବୁଧବାର ବିଜେଡିର ୩ ବିଧାୟକ ଖବରଦାତା ସମ୍ମିଳନୀ କରିବା ଓ ମ୍ୟୁନିସିପାଲିଟି କର୍ମଚାରୀ ଦଳୀୟ କାର୍ଯ୍ୟକ୍ରମ କରିବାକୁ ବିଧାୟକମାନଙ୍କୁ ସହଯୋଗ ଘଟଣା ଏବେ ବିବାଦୀୟ ମୋଡ ନେଇଛି। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଭାଜପା ଓ କଂଗ୍ରେସ ଦାବି କରିଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ୪୮ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଭାଜପା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଅନ୍ୟପକ୍ଷେ ସରକାରୀ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମକୁ ବିରୋଧ କରି ଜିଲାପାଳଙ୍କୁ ଗୁରୁବାର ସ୍ମାରକପତ୍ର ଦେଇଛି।

ଉପକୂଳବର୍ତ୍ତୀ ଜିଲା ସମେତ ନୟାଗଡ଼ ଜିଲାର ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୨୦୦ କୋଟି ଟଙ୍କା ଅନୁମୋଦନ କରିଥିବାରୁ ଜିଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଉଦ୍ଦେଶ୍ୟରେ ବୁଧବାର ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏହି ସମ୍ମିଳନୀରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ପୋଷ୍ଟରରେ ମ୍ୟୁନିସିପାଲିଟିରେ ସଭା କରିବା କେତେଦୂର ଠିକ୍ ଗଣମାଧ୍ୟମର ଉତ୍ତରରେ ନୟାଗଡ଼ ବିଧାୟକ ଶୁଣି ପଛକୁ ଦେଖି ଏଡାଇ ଯାଇ ସମ୍ମିଳନୀ ବନ୍ଦ ଘୋଷଣା କରିଥିଲେ। ଏ ନେଇ ଧରିତ୍ରୀ ଶିରୋନାମାରେ ଗୁରୁବାର ଖବର ପ୍ରକାଶନ ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଭାଜପାର କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ କୁହନ୍ତି, ନୟାଗଡ଼ ଜିଲାରେ ଶାସକ ଦଳ ସରକାରୀ ନୀତି ନିୟମକୁ ବେଖାତିର କରି ଆଇନକୁ ଭଙ୍ଗ କରୁଛନ୍ତି। ସରକାରୀ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମ କରି ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଦଳୀୟ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ବିଭିନ୍ନ ସମୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ନିକଟରେ ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଦଳୀୟ କାର୍ଯ୍ୟକ୍ରମ କରାଯାଇଛି। ତେବେ ନୟାଗଡ଼ ମ୍ୟୁନିସିପାଲିଟିର ଘଟଣା ସତ୍ୟକୁ ପଦାକୁ ଆଣିଛି। ଯାହା ଗଣମାଧ୍ୟମ ସହ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା, ଆନ୍ଦୋଳନ କରାଯିବ ବୋଲି ଜିଲାପାଳଙ୍କୁ ଭାଜପା ପକ୍ଷରୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରେ ୨ ଦିନ ହେଲା ନ ଥିଲି। ସରକାରୀ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ନାହିଁ। ତେବେ ଆପଣଙ୍କଠାରୁ ଶୁଣିବା ପରେ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ତଦନ୍ତ ରିପୋର୍ଟ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କଂଗ୍ରେସ ସେବା ଦଳର ରାଜ୍ୟ ଷ୍ଟିୟରିଂ କମିଟିର ସଭ୍ୟ ମନୋଜ ସାହୁ କୁହନ୍ତି, ସରକାରୀ କାର୍ଯ୍ୟାଳୟରେ ଦଳୀୟ ସଭା କରିବା ଠିକ୍ ନୁହେଁ। ଖବରଦାତା ସମ୍ମିଳନୀ ବୋଲି ଶାସକ ଦଳର କାରାନାମା ପଦାକୁ ଆସିଛି। ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କୁ ପଚାରିବାରେ ସରକାରୀ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମ ନିନ୍ଦନୀୟ। ଏ ନେଇ ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ପକ୍ଷରୁ ରାଜ୍ୟ ଗୃହ ନଗର ଉନ୍ନୟନ ବିଭାଗର ସଚିବ ଓ ନୟାଗଡ଼ ଜିଲାପାଳଙ୍କୁ ଟୁଇଟ୍ କରାଯାଇଛି। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ଅବକାରୀ ଇନ୍ସପେକ୍ଟର ଗୁରୁତର

**ନୟାଗଡ ଅଫିସ,୧୬।୨**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ମହିପୁର ନିକଟରେ ସଡକ ଦୁର୍ଘଟଣାରେ ଆହତ ହୋଇଛନ୍ତି ନୟାଗଡ଼ ଅବକାରୀ ବିଭାଗର ଇନ୍ସପେକ୍ଟର ଭକ୍ତ ବତ୍ସଳ ଜେନା। ଭକ୍ତ ତାଳଚେରରୁ ବାଇକ୍ ଯୋଗେ ନୟାଗଡ଼ ଫେରୁଥିଲେ। ବାଟରେ ମହିପୁର ନିକଟରେ ବାଇକ୍ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣାର କାରଣ ଜଣାପଡିନି। ଭକ୍ତଙ୍କୁ ନୂଆଗାଁ ଦମକଳ କେନ୍ଦ୍ରର କର୍ମଚାରୀ ଉଦ୍ଧାର କରି ମହିପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼କୁ ସ୍ଥାନାନ୍ତର କରାଯାଇଛି।

### ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟର ନୂଆ ସଭାପତି ନିଯୁକ୍ତ

**ଖଣ୍ଡପଡ଼ା,୧୬।୨(ସ୍ୱ.ପ୍ର)**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ନୂତନ ସଭାପତି ଭାବେ ଅବସରପ୍ରାପ୍ତ ଅଧକ୍ଷ ତଥା ଶିକ୍ଷାବିତ୍ ଡ. ରବୀନ୍ଦ୍ର କୁମାର ମିଶ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ମିଶ୍ର ଏଥିପୂର୍ବରୁ ପଠାଣି ସାମନ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଭାବେ ସୂଚାରୁ ରୂପେ ଦାୟିତ୍ୱ ତୁଲାଇ ଗତ ୨୦୧୭ ଡ଼ିସେମ୍ବରରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଜଣେ ଦକ୍ଷ ଅଧକ୍ଷ ଭାବେ ଜଣାଶୁଣା ଡ. ମିଶ୍ରଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯିବା ପରେ ପଠାଣି ସାମନ୍ତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଶାଗୁଆନ ପଟା, ଗଣ୍ଡି ସହ ବାର୍‌ହା ମାଂସ ଜବତ: ୨ ଗିରଫ

**ଓଡ଼ଗାଁ,୧୬।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ବନଖଣ୍ଡ ଓ ଓଡ଼ଗାଁ ରେଞ୍ଜ ଅନ୍ତର୍ଗତ ବାହାଡ଼ାଝୋଲା ଫରେଷ୍ଟ ସେକ୍ସନ ୨ଟି ସ୍ଥାନରୁ ବନ ବିଭାଗ ମୂଲ୍ୟବାନ ଶାଗୁଆନ ପଟା ଓ ଗଣ୍ଡି ସହ ଅନ୍ୟ ଏକ ଜାଗାରୁ ବାର୍‌ହା ମାଂସ ଜବତ କରିଛି। ଏଥିସହ ୨ ଅଭିଯୁକ୍ତଙ୍କୁ ମାଂସ ଭାଗ ବାଣ୍ଟିବା ବେଳେ ଗିରଫ କରାଯାଇଛି। ବନ ବିଭାଗରୁ ପ୍ରାପ୍ତ ସୂଚନା ଅନୁସାରେ, ଗୁରୁବାର ପୂର୍ବାହ୍ନ ୧୧ଟାରେ ବାହାଡ଼ାଝୋଲା ବନପାଳ ସନାତନ ସ୍ୱାଇଁ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସୁନାମୁହିଁ ଗ୍ରାମ ଜଗନ୍ନାଥ ମନ୍ଦିର ସଂଲଗ୍ନ ଓ ମାଧବ ସାହୁଙ୍କ ଘର ସଂଲଗ୍ନ ୨ ଖୋଲା ଜାଗାରେ ଶାଗୁଆନ ଗଣ୍ଡି କଟାଯାଇଥିବା ବେଳେ ଚଢାଉ କରିଥିଲେ। ହେଲେ ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡି ଚାଲିଯାଇଥିଲେ। ସେଠାରୁ ୧୩ ଶାଗୁଆନ ଓ ୪ ଗମ୍ଭାରୀ ପଟା ସହ ୨ ଶାଗୁଆନ ଗଣ୍ଡି ଓ ଗୋଟିଏ ତେନ୍ତୁଳି ଗଣ୍ଡି ଜବତ କରିଥିଲେ। ଅଭିଯୁକ୍ତମାନେ ଛାଡି ଯାଇଥିବା ଗୋଟିଏ ପଟା କାଟିବା କରତ ମଧ୍ୟ ଜବତ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନପାଳ ସ୍ୱାଇଁ ପ୍ରକାଶ କରିଛନ୍ତି। ଏତଦ୍‌ବ୍ୟତୀତ ବନପାଳ ସ୍ୱାଇଁ ଅପରାହ୍ନ ୪ଟାରେ ହାତୀଆଶିଳା ଗ୍ରାମକୁ ସାଦା ପୋଷାକରେ ଛଦ୍ମ ବେଶରେ ଯାଇ ୨ ଜଣଙ୍କୁ ବାର୍‌ହା ମାଂସ ଭାଗ ବାଣ୍ଟୁଥିବା ବେଳେ ଗିରଫ କରିଛନ୍ତି। ସେମାନେ ହେଲେ ହାତୀଆଶିଳା ଗାଁର ଗଣେଶ ମହାପାତ୍ର (୩୫) ଓ ଭାନୁ ବାରିକ(୪୨)। ବନପାଳ ସେମାନଙ୍କ ନିକଟରୁ ୭ କେଜି ମାଂସ, ଦେଢ କେଜି ସିଝା ମାଂସ ଓ ନିକଟରେ ରୋଷେଇ ହେଉଥିବା ୧ କେଜି ମାଂସ ତରକାରୀ ଜବତ କରିଥିବା ସୂଚନା ଦେଇଛନ୍ତି। ଉଭୟେ କୌଣସି ଶିକାରୀଠାରୁ ବାରହା ମାଂସ ବିକ୍ରି କରିବା ଉଦ୍ଦେଶ୍ୟରେ କିଣି ଆଣିଥିବା ସ୍ୱୀକାର କରିଥିଲେ। ଶିକାରୀଙ୍କୁ ଠାବ କରିବାକୁ ବନ ବିଭାଗ ଉଦ୍ୟମ କରୁଥିବା କହିଛି। ହେଲେ ବିଦ୍ୟୁତ୍ ଫାଶ ଦ୍ୱାରା ଏହି ଅଞ୍ଚଳରେ ବ୍ୟାପକ ବାର୍‌ହା ଶିକାର ହେଉଥିବା ବେଳେ ଏ ନେଇ ଜନ ସଚେନତାର ଆବଶ୍ୟକତା ରହିଥିବା ପରିବେଶବିତ୍ ନାରାୟଣ ବେହେରା ଓ ପ୍ରଫୁଲ୍ଲ ମାଝି କହିଛନ୍ତି। ଏନେଇ ୨ଟି ମାମଲା ରୁଜୁ ହୋଇଥିବା ବେଳେ ଗିରଫ ୨ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ବନପାଳ ସ୍ୱାଇଁ କହିଛନ୍ତି। ଏହି ଚଢାଉରେ ବନପାଳଙ୍କ ସହ ବନରକ୍ଷୀ ସୁନୀଲ ନାୟକ, କବୀର ସାହୁ, ଦିପ୍ତୀରାଣୀ ଦାସଙ୍କ ସହ ବନ ସୁରକ୍ଷା ବାହିନୀ ସାମିଲ ହୋଇଥିଲେ।

## କେନ୍ଦ୍ର ସରକାରଙ୍କ ବିରୋଧରେ ବିଜେଡିର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ ସମ୍ମୁଖରେ ବିଜେଡିର ବିକ୍ଷୋଭ ଓ ପ୍ରତିବାଦ ସଭା।

**ନୟାଗଡ ଅଫିସ,୧୬।୨**

ଚାଉଳ କାଟକୁ ନେଇ ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡି ନିଜର ପରାକାଷ୍ଠା ଦେଖାଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଛି। ଏ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିଛି। ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ ସାହୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଥିଲେ ପ୍ରଧାନମନ୍ତ୍ରୀଙ୍କ ନାଁରେ ଓ କେନ୍ଦ୍ରର ବିଭିନ୍ନ ଯୋଜନାରେ ରାଜ୍ୟ ସରକାରଙ୍କ ଅଂଶିଦାର ରହିଛି। ତେବେ ସେଥିରେ ରାଜ୍ୟ ସରକାରଙ୍କ ନାଁ କାହିଁକି ରହୁନି। କେନ୍ଦ୍ର ସରକାରଙ୍କ ଅସଲ ମୁଖା ଖୋଲିବାର ସମୟ ଆସିଛି। ଦଳୀୟ କର୍ମୀ ଓ ସମର୍ଥକ ଏହାର ଫାଇଦା ନେବା ଦରକାର। ଅନ୍ୟପକ୍ଷେ କହିଥିଲେ, କରୋନା ସମୟରେ ଦିଆଯାଉଥିବା ଅଧିକ ଚାଉଳକୁ କାହିଁକି ବନ୍ଦ କରାଗଲା। ଗରିବି ହଟି ନ ଥିବାରୁ ଏହା ବନ୍ଦ କରାଯିବା ଦ୍ୱାରା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା କାହା ପାଇଁ ବୋଲି ସେ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷେ ଓଡ଼ିଶାରୁ ୧୮ ଲକ୍ଷ ମେଟ୍ରିକ ଟନ ଚାଉଳ କିଣିବା ସ୍ଥାନରେ ୪ ଲକ୍ଷ ମେଟ୍ରିକ ଟନ ଚାଉଳ କିଣିବା କ'ଣ ଚାଷୀ ବିରୋଦୀ ନୀତିର ପ୍ରମାଣ ଦେଉନି। କେବଳ ବରଗଡରୁ ୪ ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେଉଛି। ଓଡ଼ିଶା ଚାଉଳ କ୍ଷେତ୍ରରେ ବଳକା ରାଜ୍ୟରେ ପରିଗଣିତ ହୋଇଥିବାରୁ ଚାଉଳ କମାଇ କରି କିଣିଲେ ଚାଷୀଙ୍କ ଉପରେ ସିଧା ପ୍ରଭାବ ପଡୁଛି। କେନ୍ଦ୍ର ସରକାର ଲୋକମାନଙ୍କୁ ଅଣଦେଖା କରି କିଛି ହାତ ଗଣତି ଲୋକଙ୍କ ସ୍ୱାର୍ଥ ପାଇଁ ନିର୍ବାଚନ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ବଜେଟ ପ୍ରସ୍ତୁତ କରିଥିବା ଧରା ପଡି ଯାଇଛି। ଦେଶରେ ଦରବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଆବାସ ଯୋଜନାରେ ମଧ ଓଡ଼ିଶାକୁ ଅଣଦେଖା କରାଯାଇଛି। ୩ ବର୍ଷ କାଳ ଆବାସ ଯୋଜନାକୁ ବନ୍ଦ କରାଇ ୧୪ ଲକ୍ଷ ସ୍ଥାନରେ ୮ ଲକ୍ଷ ଆବାସ ଦେଇ ଓଡ଼ିଆଙ୍କୁ ହତାଦର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଶ୍ରୀକାନ୍ତ ଖଟେଇ, ଶ୍ରୀକାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ସୁବାସ କଅଁର, କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ଛାତ୍ର ବିଜେଡି ସଭାପତି ନୀଳ ମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

**ନୂଆଗାଁ, ୧୬।୨ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଦଶପଲ୍ଲା ବିଧାୟକଙ୍କ ଦ୍ୱାରା ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗର ୨ଟି ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ରମେଶ ଚନ୍ଦ୍ର ବେହେରା କରିଛନ୍ତି। କୋରଡାଠାରୁ ମୀନାଗାଡିଆ ଦେଇ ରଗଡିମଡାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରିବାକୁ ସରକାର ଅନୁଦାନ ଦେଇଛନ୍ତି। ସେହିପରି ନୂଆଗାଁଠାରୁ ନଈତଇଲା ରାସ୍ତାର ଉନ୍ନତି କରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୭,୪୮,୨୭୮୭୩ ଟଙ୍କା ଅନୁଦାନ ମିଳିଛି। ନିର୍ଦ୍ଦେଶ ମୁତାବକ, ଉକ୍ତ ରାସ୍ତା କାର୍ଯ୍ୟ ୨୮।୩।୨୨ଠାରୁ ଆରମ୍ଭ ହୋଇ ୨୭।୩।୨୩ ଶେଷ କରିବା କଥା। ତେବେ ବନ ବିଭାଗ ପ୍ରତିବନ୍ଧକ ଦୂର କାର୍ଯ୍ୟରେ ବିଳମ୍ବ ହୋଇଥିବା କହିଛନ୍ତି ଆରଡି ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସ। ଏହି କାର୍ଯ୍ୟକ୍ରମରେ ବିଧାୟକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୧୬ ନଂ. ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦିଲୀପ କୁମାର ଦଳବେହେରା, ନୂଆଗାଁ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, କୋରଡା ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ବେହେରା, କୋରଡା ସରପଞ୍ଚ ନିରୁପମା ପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାସ, ଆରଡି କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଠକଙ୍କ ମନ ଛୁଇଁଲେ ବହିର ଆଦର ବଢ଼େ

**ନୟାଗଡ଼ ଅଫିସ, ୧୬।୨**

**ନୟାଗଡ଼ ପୁସ୍ତକ ମହୋତ୍ସବ, କ୍ୟାରିୟର ମେଳାର ଦ୍ୱିତୀୟ ସନ୍ଧ୍ୟା**

ନୟାଗଡ଼ ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳାର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଗହଳି ବଢିଛି। ନୟାଗଡ଼ ଜିଲା ସଂସ୍କୃତି ପରିଷଦ ଓ ନୟାଗଡ଼ ପୁସ୍ତକ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ସଭାରେ ଅତିଥି ଭାବେ କଥାକାର ଅଜୟ ସ୍ୱାଇଁ, କଥାଶିଳ୍ପୀ ଅରବିନ୍ଦ ରାୟ, ସାହିତ୍ୟ ଘର ସଂଯୋଜକ ଶୁଭଶ୍ରୀ ଲେଙ୍କା, କବି ଓ ପ୍ରକାଶକ ବନୋଜ ତ୍ରିପାଠୀ ଯୋଗ ଦେଇଥିଲେ। ଫସ୍‌ବୁକରେ କବିତା ଲେଖି ବହି ପ୍ରକାଶ କରି ଦେଲେ କେହି କବି ହୋଇ ଯାଏନି। ପାଠକଙ୍କ ମନ ଛୁଇଁଲେ ଲେଖା ଓ ବହିର ଆଦର ବଢେ। ଏପରି କି ସାହିତ୍ୟର ଗୁରୁତ୍ୱ ବଢେ ବୋଲି ପ୍ରକାଶକ ତ୍ରିପାଠୀ କହିଥିଲେ। ଲେଖକଙ୍କଠାରୁ ବଡ ହେଉଛନ୍ତି ପାଠକ। ସମସ୍ତେ ଲେଖକ ହୋଇଗଲେ ପାଠକ କିଏ ହେବ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷେ ପାଠକ ଲେଖକକୁ ଈଶ୍ୱରଠାରୁ ଅଧିକ ଭଲ ପାଏ ବୋଲି ଡ. ଅଜୟ ସ୍ୱାଇଁଙ୍କ ଲେଖା ପଢୁଥିବା ଜଣେ ପାଠକଙ୍କ ସମ୍ପର୍କରେ ଉଦାହରଣ ଦେଇ ତ୍ରିପାଠୀ କହିଥିଲେ। ସାହିତ୍ୟ ଘର ରାଜ୍ୟ ସଂଯୋଜିକା ଲେଙ୍କା କହିଥିଲେ, ନୂଆ ବହିର ବାସ୍ନା ମୋତେ ହାତ ଠାରି ଡାକିଥାଏ। ଅକ୍ଷର ଗୁଡିକ ସମୃଦ୍ଧ ହୋଇ ପୁସ୍ତକ ଆକାରରେ ଆମ ପାଖରେ ପହଞ୍ଚେ। ଅକ୍ଷର ସମଗ୍ର ବିଶ୍ୱ ଭ୍ରମଣ କରିପାରେ। ଲେଖକର ଆୟୁଷ ଥାଏ, ଅକ୍ଷରର ଆୟୁଷ ନ ଥାଏ ବୋଲି ସେ ଟିପ୍ପଣି ଦେଇଥିଲେ। ଅନ୍ୟତମ ଅତିଥି ଡ. ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ, ମଣିଷ ସବୁବେଳେ ନିୟମ ଭାଙ୍ଗିବାର ନଜିର ରହିଛି। ଏଣୁ ଶୃଙ୍ଖଳିତ ଜୀବନ ବିଶୃଙ୍ଖଳିତ ହୋଇଯାଏ। ଜୀବନରେ ଅନେକ ଶିକ୍ଷା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମିଳିଥାଏ। ଅବଧୂତ ୨୪ ଗୁରୁ କରିଥିବା ବିଷୟକୁ ସେ ଉପସ୍ଥାପନ କରିଥିଲେ। ବରିଷ୍ଠ କଥାକାର ସ୍ୱାଇଁ ଜଗନ୍ନାଥଙ୍କ ମାତୃଭାଷା କ'ଣ ବୋଲି ପ୍ରଶ୍ନ କରି ନିଜର ବକ୍ତବ୍ୟ ଆରମ୍ଭ କରିଥିଲେ। ଜୟଦେବ ଓଡ଼ିଶାର ନା ବଙ୍ଗଳାର ବୋଲି ପ୍ରଶ୍ନ କରିଥିଲେ। ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ବାହାରୁଥିବା ଅର୍ଥର ୩୦ ପ୍ରତିଶତ ସଂସ୍କୃତ ଭାଷାର ଉନ୍ନତି ପାଇଁ ଖର୍ଚ୍ଚ ହେଉଥିବା କହିଥିଲେ। ବହି ପିଲାଙ୍କୁ କଳ୍ପନା ଶିଖାଏ। ସମସ୍ତେ ଧୋକା ଦେବେ, ବହି କେବେ ଧୋକା ଦିଏନି। କବି ଚିରକାଳ ବଞ୍ଚିଥିବ, ବହି ଚିରକାଳ ବଞ୍ଚିକି ରହିବ ବୋଲି ବକ୍ତବ୍ୟ ରଖିଥିଲେ। କବି ଅଶୋକ ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୌଦାମିନୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ପଟ୍ଟନାୟକ, ସଞ୍ଜୟ କୁମାର ସ୍ୱାଇଁ, ଅନୀଲ କୁମାର ପଣ୍ଡା, ବିଶ୍ୱଜିତ ନାୟକ, ବିଭୂତି ଭୂଷଣ ସ୍ୱାଇଁ, ନିହାର ପଟ୍ଟନାୟକ, ଅବିନାଶ ସାହୁ, ଶେଖ୍ ଅବଦୁଲ ଖାଲିକ, ସ୍ମିତା ସ୍ୱାଇଁ, ସୌଦାମିନୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ପୁସ୍ତକ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ କୁଇଜ୍ ପ୍ରତିଯୋଗୀତାକୁ ଖବରଦାତା ଉତ୍ପଳ କୁମାର ସାହୁ ସଂଯୋଜନା କରିଥିଲେ।


ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

## ମାଟିରେ ମିଶିବ ନୟାଗଡ଼ ଚିନିଶିଳ୍ପ

- ସିଲ ପରେ ଚୋରିକୁ ଲଗାମ ଲାଗି ପାରୁନି
- ଦୁର୍ବୃତ୍ତ ସିସିଟିଭି, କମ୍ପ୍ୟୁଟର ଚୋରାଇ ନେଲେଣି
- ଦଫା ଦାବି ପୂରଣ ନେଇ ଜିଲାପାଳଙ୍କୁ ଫେରାଦ


ଚିନିଶିଳ୍ପ ଚାଲୁ ସମେତ ୭ ଦଫା ଦାବିନେଇ ଜିଲାପାଳଙ୍କୁ ସ୍ମାରକପତ୍ର।

**ନୟାଗଡ଼ ଅଫିସ,୧୬।୨**

ନୟାଗଡ଼ ପାଣିପୋଇଲାସ୍ଥିତ ଚିନି କଳ ମାଟିରେ ମିଶିବାକୁ ଯାଉଛି। ଏଠାରେ ୩ ଜଣ ଜଗୁଆଳି ନିୟୋଜିତ ଥଲେ ହେଁ ଚୋରିକୁ ରୋକିବାରେ ବିଫଳ ହୋଇଛନ୍ତି। ଚୋରିକୁ ରୋକିବାକୁ ୧ ଲକ୍ଷ ୨୦ ହଜାର ବ୍ୟୟରେ ସିସିଟିଭି ଓ କମ୍ପ୍ୟୁଟର ଲାଗିଥିଲେ ମଧ୍ୟ ଚୋରି ଚାଲିଛି ।

ପୁରୁଣା ଚିନିକଳ କସ୍ମିନ ପକ୍ଷେ ଚାଲୁ ହେବା ସମ୍ଭବ ନୁହେଁ। ତେବେ ମା' ବନଦୁର୍ଗା ନୟାଗଡ଼ ଚିନିକଳ କର୍ମଚାରୀ ସଂଘ ଗୁରୁବାର ନୟାଗଡ଼ ଜିଲାପାଳଙ୍କୁ ଭେଟି ୭ ଦଫା ଦାବି ପୂରଣ ନେଇ ଫେରାଦ୍ ହୋଇଛି। ଚିନିକଳକୁ ଚାଲୁ କରିବା, ଚାଷୀ ଓ ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ ପରି ୭ ଦଫା ଦାବି ନେଇ ସ୍ମାରକପତ୍ର ଦେବା ସହ ଆଲୋଚନା କରାଯାଇଛି। ଏ ନେଇ ବିଧାୟକ, ଜିଲାପାଳ, ସରକାରଙ୍କ ସହ ଆଲୋଚନା କଲେ ବିଗତ ଦିନରେ ସୁଫଳ ମିଳିନି ବୋଲି ଯୁକ୍ତି ବଢାଯାଇଛି।

ଚିନି ଶିଳ୍ପ ଭିତରୁ ମିଲ୍ ହାଉସ୍, ବଏଲର ହାଉସରୁ ଛୋଟ ଛୋଟ ଯନ୍ତ୍ରାଂଶ ଚୋରି ପରେ ୨୦୧୨ ମାର୍ଚ୍ଚ ୧୨ ଚିନିକଳରେ ଥିବା ଉପକରଣର ତଦାରଖ ଓ ଆକଳନ ପାଇଁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ତାଲା ଖୋଲାଯାଇଥିଲା। ତତ୍କାଳୀନ ମାଜିଷ୍ଟ୍ରେଟ ନୟାଗଡ଼ ଉପଜିଲାପାଳ ଲଗ୍ନଜିତ୍ ରାଉତ ଓ ନୟାଗଡ଼ ତହସିଲଦାର ଭିକାରୀ ସାହୁଙ୍କ ଉପସ୍ଥିତିରେ ଆସ୍କା ଚିନିକଳର ୨ ଜଣିଆ ବୈଷୟିକ ଟିମ୍ ଯାଞ୍ଚ କରି ସମ୍ପତି ତାଲିକା ପ୍ରସ୍ତୁତ କରିଥିଲେ। ପରେ ଚିନିକଳ ସିଲ୍ କରାଯାଇଥିଲା। ୨ୟ ଥର ପୁଣି ସିଲ୍ ଖୋଲି ଆକଳନ ହୋଇଥିଲା। ତେବେ ପ୍ରଶାସନ ଓ ସରକାର ଚିନିଶିଳ୍ପକୁ ସୁରକ୍ଷା ଦେଇ ନ ପାରବିରୁ ଅଦ୍ୟାବଧି ଚୋରି ଚାଲିଛି। ଏହା ପରିସରରୁ ଶାଗୁଆନ ଗଛ ମଧ୍ୟ କଟା ଚାଲିଛି। ଉଲ୍ଲେଖ ଥାଉ କି, ୧୯୯୮ରେ ପାଣିପୋଇଲାଠାରେ ସ୍ଥାପିତ ଚିନିକଳରେ ୨୦୧୫ରୁ ତାଲା ଝୁଲୁଛି।

### ଟେନ୍‌ସନ ଦେଉଛି ବ୍ୟାଙ୍କ ଋଣ, ଚାଷୀ ଶ୍ରମିକଙ୍କ ପ୍ରାପ୍ୟ

ଚିନିଶିଳ୍ପ ଉପରେ ୩ଟି ବ୍ୟାଙ୍କର ୨୫ କୋଟି ଋଣ ଥିବା ଜଣାପଡିଛି। ସେହିପରି ଆଖୁଚାଷୀଙ୍କର ପ୍ରାପ୍ୟ ୪ କୋଟି ଟଙ୍କା, ଶ୍ରମିକ ଓ କର୍ମଚାରୀ ମଜୁରୀ ୬ କୋଟି ଟଙ୍କା ରହିଥିବା ଅନୁରୂପ ଭାବେ ଜଣାପଡିଛି। ତେବେ ଚିନିକଳରେ ତାଲା ପଡିବାର ୩୫ ମାସ ବିତି ଯାଇଥିଲେ ମଧ କେହି କାହାର ପ୍ରାପ୍ୟ ପାଇ ପାରୁନାହାନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ, ଆଖୁଚାଷୀ, ଚିନିକଳ ଶ୍ରମିକ ଓ କର୍ମଚାରୀ ସେମାନଙ୍କ ଟଙ୍କା ପାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏ ନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହିଛନ୍ତି, ସରକାର ଚାହୁଁଛନ୍ତି ବ୍ୟାଙ୍କ ଋଣ କିପରି ପରିଶୋଧ କରାଯିବ। ବ୍ୟାଙ୍କ ଋଣ ପରିଶୋଧ ପରେ ସରକାର ଅନ୍ୟମାନଙ୍କର ସମସ୍ୟା ବୁଝି ପଦକ୍ଷେପ ନେବେ। ତେବେ ଏଯାବତ କିଛି ହୋଇ ପାରିନି। ସରକାର ଚିନିକଳର ସମସ୍ୟା ସମାଧାନ କରିବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି।

